## ବିବାହିତା ମହିଳା ବିଲରୁ ନିଖୋଜ

ସୋର, (ଜନ୍ମେଜୟ ମିଶ୍ର)-ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଗ୍ରାମର ଦାମୋଦର ଦାସଙ୍କ ଝିଅ ମାମୁନି(୩୨) ବିଲରୁ ନିଖୋଜ ହୋଇଯାଇଛନ୍ତି। ମାମୁନିଙ୍କର ଆଗରପଡା ଦିଲୀପ ଦାସଙ୍କ ସହିତ ବିବାହ ହୋଇଥିଲା। ତାଙ୍କର ଦୁଇଟି ଝିଅ ପୁଅ ଅଛନ୍ତି। ଗତ କିଛି ଦିନ ହେଲା ସ୍ୱାମୀଙ୍କ ସହିତ ମନୋମାଳିନ୍ୟ କାରଣରୁ ମାମୁନି ବାପଘରେ ରହୁଥିଲେ। ଗତ ୨୩ ତାରିଖରେ କିଛି କାରଣ ନ ଥାଇ ମାମୁନି ଗ୍ରାମ ନିକଟସ୍ଥ ବିଲକୁ ଆସି ଆଉ ଫେରି ନ ଥିଲେ।

**ସଂକ୍ଷେପରେ**

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ପାଟଣା,୨୯।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଖିରେଇଟାଙ୍ଗିରି ଟୋଲ୍‌ଗେଟ୍ ନିକଟରେ ରବିବାର ରାତିରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପାଟଣା ବ୍ଲକ୍ କ୍ଷୀରେଇଟାଙ୍ଗିରି ପଞ୍ଚାୟତ ଡଲଙ୍ଗ ଗ୍ରାମର ଟଙ୍କଧର ମହାନ୍ତ(୩୩)। ସେ କେନ୍ଦୁଝର ସଦରରେ ଏକ ୱେଲ୍ଡିଂ ଦୋକାନରେ କାର୍ଯ୍ୟ କରନ୍ତି। ରବିବାର କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ସମୟ ଏକ ଅଜଣା ବୋଲେରୋ ତାଙ୍କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର କଟକ ବଡ଼ ଡାକ୍ତରଖାନାରେ ସ୍ଥାନୀୟ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

## ଡିଏମ୍‌ଏଫ୍ ଅର୍ଥ ଅପ ବ୍ୟବହାର ହେଉଛି: ଭାଜପା

ଘଟଗାଁ,୨୯।୧(ରାଜେନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଠାକୁରାଣୀଙ୍କୁ ଅବହେଳା କରାଯାଉଛି। କେନ୍ଦୁଝର ଜିଲାର ଖଣି ଖାଦାନର ଡିଏମ୍‌ଏଫ (ଜିଲା ଖଣିଜ ପାଣ୍ଠି) ଅର୍ଥ ହରିଲୁଟ୍ କରି ଅପ ବ୍ୟବହାର କରାଯାଉଛି। ରବିବାର ଘଟଗାଁ ବ୍ଲକ୍ ଘଟଗାଁ ହୋଟେଲ ମା' ସଭାଗୃହଠାରେ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ଖବରଦାତା ସମ୍ମିଳନୀ କରି ଏଭଳି ଅଭିଯୋଗ କରିଛନ୍ତି। ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ, ଜିଲାର ବିକାଶ ପାଇଁ ଥିବା ଡିଏମ୍‌ଏଫ୍ ଅର୍ଥକୁ ବିଜେଡି ଲୁଟ୍ କରୁଛି। ସରକାରୀ ଯୋଜନା ବାଦ ଜୀବନଧାରଣ ମାନ ଉନ୍ନତ କରିବା, ଭିତ୍ତିଭୂମି ନିର୍ମାଣ, ଗମନାଗମନ ଓ ଯୋଗାଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହି ଅର୍ଥ ଖର୍ଚ୍ଚ ହେବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ରହିଛି। ଜିଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ଏହି ଅର୍ଥକୁ ଲୁଟ୍ କରିବା ପାଇଁ ମାଷ୍ଟର ପ୍ଲାନ୍ ହୋଇଛି। ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ଅଣ୍ଡା ଏହି ଅର୍ଥରୁ ଖର୍ଚ୍ଚ ହେଉଛି। ଯାହାକି ସରକାରୀ ତହବିଲରୁ ହେବା କଥା। ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ରୁପାନ୍ତରୀକରଣ ପାଇଁ ରାଜ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ କେନ୍ଦୁଝରରେ ଡିଏମ୍‌ଏଫ୍ ଅର୍ଥରୁ ଏହା ହେଉଛି। ରାଜ୍ୟ ସରକାର ଏ ଅର୍ଥରୁ ନେଇଥିବା ସାଢ଼େ ୧୫ ହଜାର କୋଟି କେବେ ଫେରାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଆମକୁ ଥରେ ସୁଯୋଗ ଦିଅନ୍ତୁ ଆମେ ନିର୍ବାଚନ ମଣ୍ଡଳୀର ବାସ୍ତବ ବିକାଶ କରିବୁ ବୋଲି ଯଜ୍ଞ ପ୍ରସାଦ କହିଛନ୍ତି।

# ଓଡ଼ିଆ ଗୀତ ଗାଇଲେ ପ୍ରତିଭା ସିଂ ବାଘେଲ

**ଭଦ୍ରାୟଣୀର ୪ର୍ଥ ସନ୍ଧ୍ୟା**

ଭଦ୍ରକ,୨୯।୧(ସନାତନ ରାଉତ)

ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ୪ର୍ଥ ସନ୍ଧ୍ୟାରେ ରବିବାର ବଲିଉଡ୍ ପ୍ରଚ୍ଛଦପଟ୍ଟ ଗାୟିକା ପ୍ରତିଭା ସିଂ ବାଘେଲ ଓଡ଼ିଆରେ ଗୀତ ଗାଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କ ସହ ଓଲିଉଡ୍ ପ୍ରଚ୍ଛଦପଟ୍ଟ ଗାୟିକା ତିଳକ ଚକ୍ରବର୍ତ୍ତୀ, କମେଡ଼ିଆନ ଅନୁଗୋଳିଆ ବର୍ଷିଙ୍କ କମେଡ଼ି ଓ ସିଜଲରସ୍ ଡ୍ୟାନ୍ସ ଗ୍ରୁପ୍ ସହ ଓଲିଉଡ୍ ଅଭିନେତ୍ରୀ ରିୟା ଦେ ଙ୍କ ଦମ୍‌ଦାର ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଧାମନଗରର ଶର୍ମିଷ୍ଠା ବେହେରା, ବାସୁଦେବପୁରର ନଗେନ୍ଦ୍ର ବିଶ୍ୱାଳ, ତିହିଡ଼ିର ଅବନ୍ତୀ ଦାସ, ବନ୍ତର ମନୋରଞ୍ଜନ ଘଡ଼େଇ, ଭଣ୍ଡାରିପୋଖରୀର ସୁମତି ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏସିଡିଓ କୁଶଳ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୁପିନ୍ଦର ସିଂଙ୍କ ମଞ୍ଚ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ପରିଚାଳନା ଓ ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମାଙ୍କ ସଂଯୋଜନାରେ ଜିଲାର ବିଭିନ୍ନ କଳା ଅନୁଷ୍ଠାନ, ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ମହୋତ୍ସବ ମଞ୍ଚରେ ପ୍ରତିଭା ସିଂ ବାଘେଲ ଗୀତ ଗାଉଛନ୍ତି।

### ଷ୍ଟଲରେ ଜମୁଛି ଭିଡ଼

ଭଦ୍ରାୟଣୀରେ କୃଷି, ପ୍ରାଣୀ ଓ ମତ୍ସ୍ୟ ବିଭାଗ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ୨ଶହରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ମହିଳା ଗୋଷ୍ଠୀ ଦ୍ୱାରା ଉତ୍ପାଦ, ବଡ଼ି, ପାମ୍ପଡ଼, ଆଚାର, ଧୂପ, ଶୁଖୁଆ, କନ୍ଧମାଳର ହଳଦୀ, ଢେଙ୍କାନାଳରୁ ଶିଙ୍ଗରେ ତିଆରି ବିଭିନ୍ନ ସାମଗ୍ରୀ, ସମ୍ବଲପୁରୀ ବସ୍ତ୍ର, ଟେରାକୋଟା ଶିଳ୍ପ ଆଦି ସାମଗ୍ରୀ କିଣିବା ପାଇଁ ସନ୍ଧ୍ୟାରେ ଷ୍ଟଲଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଜମୁଛି। ସେହିପରି ପ୍ରବେଶ ପଥରେ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ଭଦ୍ରାୟଣୀ ସେଲ୍‌ଫି ପଏଣ୍ଟରେ ସେଲ୍‌ଫି ନେବାକୁ ଯୁବତୀ ଯୁବକଙ୍କ ଭିଡ଼ ପରିଲକ୍ଷିତ ହେଉଛି।

## ଲୋକାର୍ପଣ ହେଲା ୬୦ ରୂପାନ୍ତରିତ ହାଇସ୍କୁଲ



ଜିଲାସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଭଦ୍ରକ, ୨୯।୧(ସନାତନ ରାଉତ)

ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୫-ଟି ରୂପାନ୍ତରିତ ହୋଇଥିବା ଭଦ୍ରକ ଜିଲାର ୬୦ ଉଚ୍ଚ ବିଦ୍ୟାଳୟ ସୋମବାର ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଲୋକାର୍ପଣ କରିଛନ୍ତି। ବାସୁଦେବପୁର ବ୍ଲକରେ ୧୨, ଭଦ୍ରକରେ ୧୧, ଭଣ୍ଡାରିପୋଖରୀରେ ୬, ବନ୍ତରେ ୯, ଚାନ୍ଦବାଲିରେ ୮, ଧାମନଗରରେ ୭ ଓ ତିହିଡ଼ିରେ ୭ଟି ହାଇସ୍କୁଲ ଏଥିରେ ଅର୍ନ୍ତଭୁକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତର ଛୟାଳସିଂହ ନୋଡାଲ ହାଇସ୍କୁଲରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା ଓ ବିଦ୍ୟାଳୟର ଛାତ୍ରୀ ବର୍ଷାରାଣୀ ପରିଡ଼ା ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, ଏସିଡିଓ କୁଶଳ ଚନ୍ଦ୍ର ନାୟକ, ବନ୍ତ ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ମାୟାଧର ନାୟକ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଲେ ୩୬୯ ନୂତନ କର୍ମୀ

ଠାକୁରମୁଣ୍ଡା,୨୯।୧(ତାରାକାନ୍ତ ପଟ୍ଟନାୟକ)

ପଶ୍ଚିମ ମୟୂରଭଞ୍ଜ ଭାଜପା ପକ୍ଷରୁ ସୋମବାର ଠାକୁରମୁଣ୍ଡା ଖଲିଆରୀଶାଳ ନିକଟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୩୬୯ଜଣ ବ୍ୟକ୍ତି ଭାଜପାରେ ଯୋଗ ଦେଇଛନ୍ତି। ଜିଲା ସଭାପତି କୃପାସିନ୍ଧୁ ମହାନ୍ତ ଏଥିରେ ଯୋଗଦେଇ କେନ୍ଦ୍ର ଯୋଜନାକୁ ହଡ଼ପ କରି ମିଥ୍ୟା ପ୍ରଚାର ମାଧ୍ୟମରେ ଲୋକଙ୍କୁ ଭୁଆଁ ବୁଲାଉଥିବା ସରକାରକୁ ହଟାଇବାର ସମୟ ବୋଲି କହିଥିଲେ। ଠାକୁରମୁଣ୍ଡା, ମହୁଲଡିହା ଓ ଶରତ ମଣ୍ଡଳରୁ ଦଳରେ ମିଶିଥିବା ନୂତନ କର୍ମୀମାନଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଜିଲା ସମ୍ପାଦକ ବିମଳ ସେନାପତି, ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ମହାନ୍ତ, ପୂର୍ବତନ ଜିଲା କୃଷକ ମୋର୍ଚ୍ଚା ସଭାପତି ରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।



ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ଏହି ଅବସରରେ କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ପୂର୍ବତନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ପରିଚାଳକ ପାଲେୟାର ପାଲିଆ ଭାଜପାରେ ଯୋଗ ଦେଇଛନ୍ତି। ସେ ବହୁ ବର୍ଷ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ବହୁ ଅନୁଗାମୀ ମଧ୍ୟ ଭାଜପାର ସଦସ୍ୟତା ଗ୍ରହଣ କରିଛନ୍ତି। ଦଳରେ ଯୋଗ ଦେଇଥିବା ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଅବସରପ୍ରାପ୍ତ ଦୂରଦର୍ଶନ କର୍ମଚାରୀ ମଧୁସୂଦନ ସୟ, ଅବସରପ୍ରାପ୍ତ ଶିକ୍ଷକ ସଦନ ସିଂ ବାଙ୍କୀରା, ବିଏମ୍‌ସ୍ ସମ୍ପାଦକ ଅଲେଖ ସେଠୀ ପ୍ରମୁଖ ଅଛନ୍ତି।

## ନେସ୍କୋର ଶକ୍ତି କର୍ମଚାରୀ ସଂଘର ବିକ୍ଷୋଭ

ବାଲେଶ୍ୱର, ୨୯।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ଅଫିସ ସମ୍ମୁଖରେ ନେସ୍କୋ ଶକ୍ତି କର୍ମଚାରୀ ସଂଘ ପକ୍ଷରୁ ସୋମବାର ପୂର୍ବ ଚେତାବନୀ ଅନୁସାରେ ବିକ୍ଷୋଭ ଓ ଆମରଣ ଅନଶନ ଆରମ୍ଭ ହୋଇଛି। ସଂଘ ସ୍ଥାୟୀ ସଭାପତି ତଥା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଓଏସ୍‌ଇବି ବିଜୁଳି କର୍ମଚାରୀ ସଂଘ, ନିଖିଳ ଓଡ଼ିଶା ବିଦ୍ୟୁତ୍ ମହାସଂଘ, ବିଏମ୍‌ଏସ୍, ଟିପିଏନଓଡିଏଲ୍ ଏକତା ମଞ୍ଚର ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଛନ୍ତି। ୬ଶହ ଆଉଟସୋର୍ସ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ଓ ଆଇଟିଆଇ ନିଯୁକ୍ତି ପ୍ରବେଶିକା ପରୀକ୍ଷା ଫଳ ତୁରନ୍ତ ପ୍ରକାଶ କରିବା, ସମସ୍ତ ବିଏ କର୍ମଚାରୀମାନଙ୍କର ସର୍ବନିମ୍ନ ଦରମା ୨୧ହଜାର ଟଙ୍କାକୁ ବୃଦ୍ଧି କରିବା ଭଳି ଦାବି ସଂଘ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଟିପିଏନଓଡିଏଲ କର୍ତ୍ତୃପକ୍ଷ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ ନ କରିବା ଦ୍ୱାରା ବାଧ୍ୟ ହୋଇ ସଂଘ ଏପରି ଚରମ ନିଷ୍ପତ୍ତି ନେଇଥିବା ସଂଘ ସଭାପତି ଦାସ ପ୍ରକାଶ କରିଛନ୍ତି। ଟିପିଏନଓଡିଏଲ୍ କର୍ତ୍ତୃପକ୍ଷ ବାହାର ରାଜ୍ୟରୁ ଶତାଧିକ ଅଣଓଡ଼ିଆଙ୍କୁ ଆଣି ନିଯୁକ୍ତି ଦେଇଛନ୍ତି। ଉକ୍ତ ନିଯୁକ୍ତି ବିଷୟରେ ଜିଲାପାଳ, ଟିପିଏନଓଡିଏଲ୍ ସିଇଓଙ୍କ ସହ ବାରମ୍ବାର ଆଲୋଚନା ପରେ ସିଇଓ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ପ୍ରକାଶ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୂରଣ କଲେ ନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନେସ୍କୋ ଶକ୍ତି କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଡ. ଅନ୍ତର୍ଯ୍ୟାମୀ ମହାପାତ୍ର, ଓଏସ୍‌ଇବି ବିଜୁଳି କର୍ମଚାରୀ ସଂଘର ଆଞ୍ଚଳିକ ସମ୍ପାଦକ ନିମାଇଁ ଚରଣ ରାଉତରାୟ, ନିଖିଳ ଓଡ଼ିଶା ବିଦ୍ୟୁତ୍ ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ବିଏମ୍‌ଏସ୍‌ର ଜିଲା ସମ୍ପାଦକ ଅରୂପ ନାୟକ, କାର୍ଯ୍ୟକାରୀ ସଭାପତି ଶିବନାରାୟଣ ଗିରି ଚେତାବନୀ ଦେଇଛନ୍ତି।

## 'ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ରୂପାନ୍ତରୀକରଣ'

ତିହିଡ଼ି,୨୯।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଲଣା ପଞ୍ଚାୟତ ମନୋରମା ହାଇସ୍କୁଲ ୫-ଟି ରୂପାନ୍ତରିତ ହୋଇଥିବା ବେଳେ ସୋମବାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ ଯୋଗଦେଇ ହାଇସ୍କୁଲର ରୂପାନ୍ତରୀକରଣ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଛାତ୍ରୀଛାତ୍ରଙ୍କୁ ମେଧାବୀ କରିବାରେ ପ୍ରମୁଖ ଭୂମିକା ନେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ବିଲଣା ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ କୁମାର ରାୟ, ପୂର୍ବତନ ସରପଞ୍ଚ ଶଶଧର ସାମଲ, ଆଦିତ୍ୟ ଜେନା, କମଳାକାନ୍ତ ଦାସ, ଭୀମସେନ ବାରିକ, ତାପସୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଦିପ୍ତା ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ପ୍ରଥମ ଅଧିବେଶନରେ ମନୋରମା ନାୟକଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଅରବିନ୍ଦ ଛାତ୍ରୀ ବିକାଶ ପରିଷଦର ୨୫ତମ ବାର୍ଷିକୋତ୍ସବରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପି. ହୃଷୀକେଶଙ୍କ ସଞ୍ଚାଳନାରେ ତାପସୀ ଦାସ, ବିଜୟିନୀ ମହାରଣା, ବିଶ୍ୱମୈତ୍ରୀ ନାୟକ ପ୍ରମୁଖ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଚେତନା ଉପରେ ଆଲୋକପାତ କରିଥିଲେ। ହରପ୍ରିୟା ଦାସ ମାତୃ ବନ୍ଦନା ଗାଇଥିଲେ। ଧ୍ୟାନ ଓ ପ୍ରାର୍ଥନା ପରେ ମା'ଙ୍କ ପୁସ୍ତକ ପାଠ କରାଯାଇଥିଲା।

## 'ଯୋଗାଯୋଗ ଆର୍ଥିକ ସ୍ଥିତି ସୁଦୃଢ଼ କରେ'

**ଡେମ୍ବୁରବଣି ନାଳରେ ବିଜୁସେତୁ ଭିତ୍ତିପ୍ରସ୍ତର ସ୍ଥାପନ**

ଜଳେଶ୍ୱର, ୨୯।୧(ନବୀନ ସାହୁ/ରବିନାରାୟଣ ପାତ୍ର)

ଆଦିବାସୀ ଅଧ୍ୟୁଷିତ ରାଇବଣିଆର ପ୍ରଗତି ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସୋମବାର ଶ୍ୟାମନଗର-ବେଗୁନିଆ ରାସ୍ତାର କାନପୁରଠାରେ ଡେମ୍ବୁରବଣୀ ନାଳ ଉପରେ ବିଜୁ ସେତୁକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଇବଣିଆ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳର ଜନସାଧାରଣ ଏହି ପୋଲ ଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ଏହି ପୋଲ ନିର୍ମାଣ ହେଲେ ୭ଟି ଗାଁ ଡେମ୍ବୁରୁବଣୀ, କାନପୁର, ଚନ୍ଦ୍ରପୁର, ଜାମବଣୀ, ଅସନଶୋଳିଆ, ମହୁଲୁମା, ବେଗୁନିଆ ଗ୍ରାମର ପାଖାପାଖି ୧୦ହଜାର ଲୋକେ ଉପକୃତ ହେବେ ବୋଲି ସରପଞ୍ଚ କହିଛନ୍ତି। ୩କୋଟି ୬୯ଲକ୍ଷ ବିନିଯୋଗରେ ବିଜୁସେତୁ ସହିତ ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଗିରିଜା ସାସମଲ ସଭାପତିତ୍ୱ କରିଥିବା ବେଳେ ସମିତି ସଭ୍ୟ ଫୁଲମଣି ମୁର୍ମୁ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଦିଲୀପ ସାମଲ, ଲଛମନ ପାତ୍ର, ଶରତ ସାସମଲ, ସଞ୍ଜୟ ଦାସ, ମନ୍ମଥ ଦାସ, ଶ୍ରୀପତି ଦାସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଅବନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ଅନ୍ୟମାନେ।

## ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ପାଠଚକ୍ର ଉଦ୍‌ଯାପିତ

ବାଙ୍ଗିରିପୋଷି,୨୯।୧(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିନୋଦିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମଣିଭଦ୍ର ସେଣ୍ଡଙ୍କ ଅଧ୍ୟକ୍ଷତାରେ ନୋଡାଲ ଅଫିସର ମିନତୀ ମହାନ୍ତ ସବିଶେଷ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବରେ ଡ. ଗଜେନ୍ଦ୍ର କୁମାର ନନ୍ଦ ଯୋଗଦେଇ ଛାତ୍ରୀମାନଙ୍କୁ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ବିଭିନ୍ନ ଦିଗ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଶ୍ମିରଞ୍ଜନ ବେହେରା, ଲିପି ନାଏକ, ବିଜୟଲକ୍ଷ୍ମୀ ପତି, ତପତି କର, ସୁକାନ୍ତି ମହାନ୍ତ, ରବିନ୍ଦ୍ର ନାଥ ବେହେରା, ଗିରିଜାଶଙ୍କର ବେହେରା ଓ ରଜନୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଇଂରାଜୀ ଅଧ୍ୟାପିକା କଳ୍ପିତା ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଓଡ଼ିଆ ଭାଷା ଆମ ଜାତୀୟ ଅସ୍ମିତାର ପ୍ରତୀକ'

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ 'ଶବ୍ଦତୀର୍ଥ' ଉଦ୍‌ଘାଟିତ**

କେନ୍ଦୁଝର,୨୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଧରଣୀଧର ବିଶ୍ୱବିଦ୍ୟାଳୟ ତରଫରୁ ତ୍ରିଦିବସୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶବ୍ଦତୀର୍ଥ ଓ ଦୁଇଦିନିଆ ସାଂସ୍କୃତିକ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ଓଡ଼ିଆ ଭାଷା ହିଁ ଆମ ଅସ୍ମିତା ଓ ଆସ୍ଥାର ଭୂମି ବୋଲି କହିଥିଲେ।

ମୁଖ୍ୟ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଓଡ଼ିଆ ଭାଷାକୁ କେବଳ ଶ୍ରେଣୀକକ୍ଷର ଭାଷା ନୁହେଁ, ଏହା ଆମ ଜାତୀୟ ଅସ୍ମିତାର ପ୍ରତୀକ ବୋଲି ଅଭିହିତ କରିଥିଲେ। ବିଶିଷ୍ଟ କବି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଜଗନ୍ନାଥଙ୍କୁ ଓଡ଼ିଆ ଓ ଜନଜାତି ସଂସ୍କୃତିର ସମନ୍ୱୟ ବୋଲି ପ୍ରମାଣ ରଖିଥିଲେ। ଭାଷା ସମ୍ମିଳନୀର ନୋଡାଲ ଅଫିସର ସୁଧାକର ଦାଶ ଅତିଥି ପରିଚୟ ଓ ଶବ୍ଦତୀର୍ଥର ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ନରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ପ୍ରଦର୍ଶନୀରେ କିର୍ତ୍ତି, ଜୁଆଙ୍ଗ ଓ ସାନ୍ତାଳୀ ଜନଜାତି ନିଜ ନିଜର ପ୍ରଦର୍ଶନ ମଣ୍ଡପ ପ୍ରସ୍ତୁତ କରିଥିବା ବେଳେ ବିଶ୍ୱବିଦ୍ୟାଳୟ ତରଫରୁ ସମଗ୍ର ପରିସରକୁ ଏକ ସାହିତ୍ୟ ତୀର୍ଥର ରୂପ ଦେବାରେ ପ୍ରୟାସ କରାଯାଇଥିଲା। ଜନଜାତି ଭାଷା ମଧ୍ୟରେ ସମ୍ପର୍କ ଓ ପ୍ରଭାବ ଉପରେ ଅତିଥି ଆଲୋଚକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମୀରା ସ୍ୱାଇଁ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଆଲୋଚନା ରଖିଥିଲେ। ଉପସ୍ଥାପକ ଭାବେ ସଂଯୋଜିକା ଶୁଭସ୍ମିତା ଦାଶ ଓ ଡ. ଶ୍ରୀମନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ, ଇଂଲିଶ୍, ନୃତତ୍ତ୍ୱ, ଦର୍ଶନ, ସମାଜ ବିଜ୍ଞାନ, ସଂସ୍କୃତ ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।




ମଞ୍ଚାସୀନ ଅତିଥିମାନେ।

## ନ୍ୟାଶନାଲ ଟ୍ୟାକ୍ସ କନଫରେନ୍ସ ଇଷ୍ଟର୍ନ ଜୋନ୍ କାର୍ଯ୍ୟକ୍ରମ

**'ଜ୍ଞାନ ତରଙ୍ଗ' ଉନ୍ମୋଚିତ**

ବାଲେଶ୍ୱର, ୨୯।୧(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ପଦ୍ମାବତୀ ଆମ୍ୟୁଜମେଣ୍ଟ ୱାଟର ପାର୍କ ପରିସରରେ ବାଲେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏଶନ ତତ୍ତ୍ୱାବଧାନରେ ଅଲ୍ ଇଣ୍ଡିଆ ଫେଡ଼େରେଶନ ଅଫ୍ ଟ୍ୟାକ୍ସ ପ୍ରାକ୍ଟିସି ଓନର୍ସ (ଇଷ୍ଟର୍ଣ୍ଣ ଜୋନ୍) ଓ ଅଲ ଓଡ଼ିଶା ଟ୍ୟାକ୍ସ ଆଡଭୋକେଟ୍‌ସ ଆସୋସିଏଶନ ସହଯୋଗିତାରେ ନ୍ୟାଶନାଲ ଟ୍ୟାକ୍ସ କନଫରେନ୍ସ ଇଷ୍ଟର୍ନ ଜୋନ୍-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗତ ୨୭ରେ ଆରମ୍ଭ ହୋଇ ୨୮ରେ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପୁସ୍ତକ 'ଜ୍ଞାନ ତରଙ୍ଗ' ଉନ୍ମୋଚିତ ହୋଇଥିଲା।

ଓଡ଼ିଶା ହାଇକୋର୍ଟ ଜଜ୍ ଜଷ୍ଟିସ ଏମ୍.ଏସ୍. ରମନ୍ନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଆଡଭୋକେଟ୍ ଜେନେରାଲ, ଓଡ଼ିଶା ଅଶୋକ ପରିଜା ଓ ବାଲେଶ୍ୱର ଦୌରାଜଜ୍ ଅଶାନ୍ତ କୁମାର ଦାସ, ଏଆଇଏଫ୍‌ଟିପିର ନ୍ୟାଶନାଲ ପ୍ରେସିଡେଣ୍ଟ ନାରାୟଣ ପି. ଜୈନ ଓ ଇଷ୍ଟର୍ଣ୍ଣ ଜୋନ ସଭାପତି ବିବେକାନନ୍ଦ ମହାନ୍ତି, ଏଓଟିଏଏ ସଭାପତି ଉତ୍ତମ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏଶନ୍ ପକ୍ଷରୁ ଓଡ଼ିଶା ହାଇକୋର୍ଟ ଜଜ୍ ଓ ବାଲେଶ୍ୱର ଦୌରାଜଜ୍‌ଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନେକ ଆଇନଜୀବୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ମୋଟ୍ ୩ଟି ଟେକ୍ନିକାଲ ସେସନ୍ ସହ ବ୍ରେନ ଟ୍ରଷ୍ଟ ଓ ଭେଲିଡିକ୍ଟୋରୀ ସେସନ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଟେକ୍ନିକାଲ ସେସନ୍ 'ଜିଏସ୍‌ଟି ନୋଟିସ୍‌ର କିପରି ଭାବେ ପ୍ରତିଉତ୍ତର ରଖାଯାଏ' ସେନେଇ ସିଏ ଅରୁଣ କୁମାର ଗୁପ୍ତା ଓ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ରମେଶ ଚନ୍ଦ୍ର ଜେନା ଆଲୋଚନା କରିଥିଲେ। ଦ୍ୱିତୀୟ ଟେକ୍ନିକାଲ ସେସନ୍ 'ଜିଏସ୍‌ଟି ଆବେଦନ ସମ୍ପର୍କିତ' ସିଏ ତରୁଣ ଅଗ୍ରୱାଲ ଓ ସିଏ ପ୍ରଦୀପ ମୋଦି ଆଲୋଚନା କରିଥିଲେ। ତୃତୀୟ ଟେକ୍ନିକାଲ ସେସନ୍ 'ଡିକୋଡିଂ ସେକ୍ସନ୍ ୫୦ସି ଇନ୍ କେସ୍ ଅଫ୍ ଲିଜ୍ ହଲ୍ଡ ଲ୍ୟାଣ୍ଡ' ସମ୍ପର୍କରେ ଆଇନଜୀବୀ ନଟବର ପଣ୍ଡା ଓ ସିଏ ଗିରିଧର ଧେଲିଆ ଆଲୋଚନା କରିଥିଲେ। ସେହିପରି ବ୍ରେନ ଟ୍ରଷ୍ଟ ସେସନ୍‌କୁ ଅବସରପ୍ରାପ୍ତ ସ୍ପେଶାଲ କମିଶନର ଜିଏସ୍‌ଟି ଓଡ଼ିଶା ଆନନ୍ଦ ଶତପଥୀ, ଆଇନଜୀବୀ ରାମଚନ୍ଦ୍ର ଜେନା ଓ ସିଏ ତରୁଣ ଅଗ୍ରୱାଲ ଆଲୋଚନା କରିଥିବା ବେଳେ ଭେଲିଡିକ୍ଟୋରୀ ସେସନ୍‌କୁ ରାଜ୍ୟ ବାର୍ କାଉନସିଲର ଅଧ୍ୟକ୍ଷ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ, ଉପସଭାପତି ଆଇନଜୀବୀ ରାଜୀବ ମହାନ୍ତି, ବାର୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ଆଇନଜୀବୀ ଭକ୍ତ ଭୂଷଣ ବାରିକ ଆଲୋଚନା କରିଥିଲେ। ସମ୍ମିଳନୀର ସମ୍ପାଦକ ଆଇନଜୀବୀ ସୂର୍ଯ୍ୟକାନ୍ତ କର ଧନ୍ୟବାଦ ଦେଇଥିଲେ। ବାଲେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏଶନ ସଭାପତି ଜଗଦୀଶ ଖଣ୍ଡେଲୱାଲ, ଆଇନଜୀବୀ ଜନ୍ମେଜୟ ବଳ, ଲମ୍ବୋଦର ହୋତା, ସୁବାଷ ମାସନ୍ତ ଓ ବିଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

**ମହିଳାଙ୍କୁ ବଳାତ୍କାର ଅଭିଯୋଗ**

ବୈଶିଙ୍ଗା,(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ପଞ୍ଚାୟତରେ ଜଣେ ମହିଳାଙ୍କୁ ସମ୍ପର୍କୀୟ ଦେଢ଼ଶୁର ବଳାତ୍କାର କରିଛନ୍ତି। ଏଥିସହ ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା (ନଂ. ୪୭/୨୪) ରୁଜୁ ହୋଇଛି। ସୋମବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ୧୬୪ ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।



## ସଂକ୍ଷେପରେ

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ଘଟଣା ଜଣେ ଗିରଫ, ଯନ୍ତ୍ରାଂଶ ସହ ମାରଣାସ୍ତ୍ର ଜବତ

ବାସୁଦେବପୁର, ୨୯।୧(ନାରାୟଣ ପ୍ରସାଦ ବାରିକ୍)–ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମୁଆଁରେ ଏକ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ଘଟଣାରେ ଜଣେ ଯୁବକଙ୍କୁ ବାସୁଦେବପୁର ପୋଲିସ ଗିରଫ କରିଛି। ସେ ହେଲେ ଖଇରା ଥାନା ଅଧୀନ ଶରତ ଗ୍ରାମର ପାର୍ଥକିଶୋର ପରିଡ଼ା(୩୨)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୫ ଜଣରୁ ଊର୍ଦ୍ଧ୍ୱ ଯୁବକ ଫେରାର ଅଛନ୍ତି। ପୋଲିସ ଏକ ବୋଲେରୋ, ୨ ସିଲିଣ୍ଡର, ଗ୍ୟାସ୍ କଟର, ମାରଣାସ୍ତ୍ର ସହ କେତେକ ଯନ୍ତ୍ରାଂଶ, ଶାବଳ ଓ ଲୁଟ୍ ଉଦ୍ୟମ ବେଳେ ଲୁଟେରାମାନେ ବ୍ୟବହାର କରିଥିବା ଡ୍ରେସ୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ବାସୁଦେବପୁର ଥାନାରେ ମାମଲା (ନଂ. ୫୯/୨୪) ରୁଜୁ ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତାଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇ ଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ଲୁଟେରାଙ୍କୁ ଧରାଯିବ ବୋଲି ଆଇଆଇସି ନାୟକ କହିଛନ୍ତି।

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ପାଟଣା,୨୯।୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଗାଲଫୁଲା ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଗ୍ରାମର ମକୁରୁ ମୁଣ୍ଡାଙ୍କ ସ୍ତ୍ରୀ କାଇଁଚ ମୁଣ୍ଡା(୩୨)। କାଇଁଚ ପ୍ରଥମେ ଠାକୁରମୁଣ୍ଡା ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ବିଚ୍ଛେଦ ପରେ ଗାଲଫୁଲାରେ ମକୁରୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଘରୋଇ କଳହକୁ ନେଇ ରବିବାର ରାତିରେ ବିଷ ପାନ କରିଦେଇଥିଲେ। ସୋମବାର ପାଟଣା ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କର ୨ ସନ୍ତାନ ଥିବା ଜଣାପଡ଼ିଛି। ଥାନାରେ ଏକ ମାମଲା(ନଂ. ୭/୨୪) ରୁଜୁ ହୋଇଛି। ପାରିବାରିକ କଳହରୁ କାଇଁଚ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

### କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ କୃଷ୍ଣଚନ୍ଦ୍ର

ବନ୍ତ,୨୯।୧(ହରି ନାରାୟଣ ମହାନ୍ତି)–ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବାରିକ(୮୬)ଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଗୌରାଙ୍ଗ ଚନ୍ଦ୍ର ଖିଲାର, ଅବସରପ୍ରାପ୍ତ ଆୟକର ଅଧିକାରୀ ରଘୁନାଥ ପୁହାଣ, ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକ, ରମାକାନ୍ତ ରାଉତ, ନରେନ୍ଦ୍ର ବାରିକ, ରବୀନ୍ଦ୍ର ବାରିକ, ସାବିତ୍ରୀ ପରିଡ଼ା ପ୍ରମୁଖ କୃଷ୍ଣଚନ୍ଦ୍ର ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ ବୋଲି କହିଥିଲେ। ସେ ଗଣିଜାଙ୍ଗ, କାଦବରାଙ୍ଗ, ଓଡ଼ଙ୍ଗ, ସାନବର୍ଦ୍ଧିକୟାଁ ମଧ୍ୟ ଇଂରାଜୀ ସ୍କୁଲରେ ଶିକ୍ଷକତା କରିଥିଲେ।

# ‘ଓଡ଼ିଆ ଭାଷାକୁ ଅବିଚ୍ଛେଦ୍ୟ ଅଂଶ ରୂପେ ଗ୍ରହଣ କରିବାକୁ ପଡ଼ିବ’

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

ବାରିପଦା,୨୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଓଡ଼ିଆ ଭାଷାର ଉନ୍ନତି ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭୂମିକାକୁ ସ୍ମରଣ କରିଥିଲେ। ଏଥିସହ କେବଳ ମାତୃଭାଷାରେ ଶିକ୍ଷାଲାଭ କରି ନିଜ ନିଜ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସଫଳ ଓଡ଼ିଆ ବ୍ୟକ୍ତିତ୍ୱମାନଙ୍କର ସ୍ମୃତିଚାରଣ କରିଥିଲେ। ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ହେଲେ, ଓଡ଼ିଆ ଭାଷାକୁ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ଗ୍ରହଣ କରିବାକୁ ପଡ଼ିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ ଓଡ଼ିଆ ଭାଷାର ଉନ୍ନତି ପାଇଁ ନବକୃଷ୍ଣ ଚୌଧୁରୀଙ୍କ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ଯେଉଁ ନିଷ୍ଠା ଦେଖାଇଛନ୍ତି ତାହାର ପଟାନ୍ତର ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମାତୃଭାଷାର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭଳି ଏକ ସୁଚିନ୍ତିତ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସ୍ନାତକୋତ୍ତର ଓ ବିଭାଗ ମୁଖ୍ୟ ପ୍ରଫେସର ବଭ୍ରୁବାହନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ସହଦେବ ସମାଧିଆ ଆଭିମୁଖ୍ୟ ପ୍ରକାଶ କରିଥିଲେ ଓ ସଂଯୋଜିକା ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସ୍ୱରଚିତ ଓଡ଼ିଆ କବିତା ପାଠ, ଓଡ଼ିଆ ପ୍ରବନ୍ଧ ରଚନା, ସାଧାରଣ ଜ୍ଞାନ, ସଙ୍ଗୀତ, ଅଭିନୟ ଦକ୍ଷତା ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ଅନେକ ଭାଷାବିତ୍, ସାହିତ୍ୟିକ, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ସରିଲା ସାଳନ୍ଦୀ ସାହିତ୍ୟ ସଙ୍ଗମ

ଭଦ୍ରକ,୨୯।୧(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଟାଉନ ହଲ୍‌ରେ ଦୁଇଦିନ ଧରି ଚାଲିଥିବା ସାହିତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ‘ସାଳନ୍ଦୀ ସାହିତ୍ୟ ସଙ୍ଗମ–୨୦୨୪’ ରବିବାର ଉଦ୍‌ଯାପିତ ହୋଇଯାଇଛି। ଡ. ରାଧାବିନୋଦ ନାୟକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ସଂଯୋଜନାରେ ଅଲୋଚ୍ୟ ପ୍ରସଙ୍ଗ ‘କହେ ଗିରିବାଳା, ସହେ କୈଳାସ’ ଶୀର୍ଷକରେ ପ୍ରଫେସର କୈଳାସ ପଟ୍ଟନାୟକ ଓ ଗିରିବାଳା ମହାନ୍ତି ତାଙ୍କ ଜୀବନୀ, ସାହିତ୍ୟ ସର୍ଜନାରେ ପତିପତ୍ନୀଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ପ୍ରେମ ପୃଥିବୀର ସମ୍ପାଦକ କୈଳାସ ପଣ୍ଡା ସମ୍ବର୍ଦ୍ଧନା ଦେଇଥିଲେ। ଶକ୍ତି ମହାନ୍ତିଙ୍କ ସଂଯୋଜନାରେ ଆଲୋଚ୍ୟ ପ୍ରସଙ୍ଗ ‘ନାରୀବାଦରେ ପୁରୁଷ’ ଉପରେ ଆଶିଷ କୁମାର ଗଡ଼ନାୟକ, ମୌସୁମୀ ଦାସ, ସ୍ୱାଗତିକା ମିଶ୍ର ଓ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଆଲୋଚନା କରିଥିଲେ। ସଭାପତି ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଉଦ୍‌ଯାପନୀ ସମାରୋହରେ ଟାଇମପାସ୍ ନିର୍ଦ୍ଦେଶକ ସରୋଜ ବଳ ଶେଷ ସ୍ପର୍ଶ ଦେଇଥିଲେ। ଡ. ବିକାଶ ନାରାୟଣ ନନ୍ଦ, ଅଧ୍ୟାପକ ସତ୍ୟଜିତ ମିଶ୍ର, ପ୍ରୀତିପଦ୍ମା ଦାସ, କିଷାନ ପ୍ରଧାନ, ସୂର୍ଯ୍ୟନାରାୟଣ ମାଝୀ, ଜ୍ୟୋତିଶ୍ରୀ ରାଉତ, ହିରଣ୍ୟବତୀ ସାହୁ, ସୁମିତାଲି ସାମଲ, ଅଜୟ କୁମାର ନାୟକ, ଦକ୍ଷିଣ ହାଁସଦା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# ଧାନ କଟ୍‌ନୀ, ଶସ୍ୟବୀମାରେ ହେରଫେର ଅଭିଯୋଗ


ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଧାମନଗର,୨୯।୧(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

**ମିଳିତ ଜନଶୁଣାଣି ଶିବିର**

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୧ଟି ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ, ରାଶନ, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା, ବନ୍ଧୁକ ଲାଇସେନ୍ସ, ସରକାରୀ ରାସ୍ତା ଅବରୋଧ, ଏନ୍‌ଏସି ଯନ୍ତ୍ରୀଙ୍କ ବଦଳି, ପ୍ରଧାନମନ୍ତ୍ରୀ ଆବାସର ବୋନସ, ଅସମ୍ପୂର୍ଣ୍ଣ ଡ୍ରେନ୍ ନିର୍ମାଣ, ପିଇବା ପାଣି ଆଦି ସମ୍ପର୍କିତ ଅଭିଯୋଗ ହୋଇଥିଲା। ମୁଖ୍ୟତଃ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିରେ କ୍ରୟ କରାଯାଉଥିବା ଧାନର କୁଇଣ୍ଟାଲ ପିଛା ୬ କେଜି କଟ୍‌ନୀ ଛଟ୍‌ନୀ, ଶସ୍ୟବୀମାରେ ହେରଫେର ଆଦି ବିଭିନ୍ନ ଅନିୟମିତତା ନେଇ ଚାଷୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ କୁମାର ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ତହସିଲଦାର ଦୀପକ କୁମାର ଦାସ, ବିଡିଓ ବନବିହାରୀ ଦିଣ୍ଡା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

# ‘ଜଙ୍ଗଲ ବଞ୍ଚିଲେ ଜୀବନ ବଞ୍ଚିବ’

**ବନାଗ୍ନି ନିୟନ୍ତ୍ରଣ ସଚେତନତା ପଦଯାତ୍ରା**

ବିଶୋଇ,୨୯।୧ (ଅମିତ ଦାସ)

ମୟୂରଭଞ୍ଜ ଜିଲା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସରଗଡ଼ା ବନାଞ୍ଚଳର କଳାଟମକ ଓ ଶଙ୍ଖାଭଙ୍ଗା ଗ୍ରାମରେ ବନାଗ୍ନି ନିୟନ୍ତ୍ରଣ ସଚେତନତା ସଭା ଓ ପଦଯାତ୍ରା କରାଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥଙ୍କ ନିର୍ଦ୍ଦେଶକ୍ରମେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ ଓ ସରୋଜ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନପାଳ ଜୀବନ ବଲ୍ଲଭ ପାତ୍ର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପ୍ରଥମେ କଳାଟମକ ବନ ସୁରକ୍ଷା ସମିତି ସଦସ୍ୟ ଓ ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ବନାଞ୍ଚଳର ଜଙ୍ଗଲ ନିଆଁ ନିବାରଣ ସଚେତନତା ବାର୍ତ୍ତାର ପ୍ଲାକାର୍ଡ ଧରି ଏକ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ବନପାଳଙ୍କ ସଭାପତିତ୍ୱରେ ଉକ୍ତ ଗ୍ରାମରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ସୁରକ୍ଷାରେ ସହଯୋଗ କରିବା ସହ ପରବର୍ତ୍ତୀ ପିଢ଼ି ପାଇଁ ଜଙ୍ଗଲ ସୃଷ୍ଟି ଲାଗି ବନପାଳ ଆହ୍ୱାନ ଦେଇଥିଲେ। ଜଙ୍ଗଲ ନିଆଁ ରୋକିବାରେ ମାତୃଶକ୍ତିର ଭୂମିକା ବିଷୟରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କ ଭୂମିକା ନେଇ ସରଗଡ଼ା ସରପଞ୍ଚ ଶକୁନ୍ତଳା ମୁର୍ମୁ କହିଥିଲେ। ଜଙ୍ଗଲ ବଞ୍ଚିଲେ, ଜୀବନ ବଞ୍ଚିବ ବାର୍ତ୍ତା ଦେଇ ଶେଷରେ ସମସ୍ତେ ଶପଥ ପାଠ କରିଥିଲେ। ଜଙ୍ଗଲ ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ଶଙ୍ଖାଭଙ୍ଗା ସରପଞ୍ଚ ବାବାଜୀ ସିଂ ଓ ଏମ୍‌ବିକେ କୁନିମଣି ସିଂ କହିଥିଲେ। ବନ ସୁରକ୍ଷା ସମିତି ସଭାପତି ବାରିଆଳ ମାଝି, ବନପାଳ ତରଙ୍ଗିନୀ ମହାନ୍ତ, ମାନସ ରଞ୍ଜନ ମହାକୁଡ଼, ସନତ ବେହେରା, ବନରକ୍ଷୀ ଲଳିତ ମହାନ୍ତ, ବସୁ ମହାନ୍ତ, ପାରାଷ୍ଟାଫ୍ ଜିତୁ ମାଝୀ, ମଙ୍ଗଲ ମୁଣ୍ଡା, ଗୋବିନ୍ଦ ମୁଣ୍ଡା, ଶୁକ୍ରା ନାଏକ, ଗୁରୁଚରଣ ବିନ୍ଧାଣୀ ପ୍ରମୁଖ ସହଯୋଗ କରିଥିଲେ।

# ୬୬ ବ୍ୟାଟେରିଚାଳିତ ଟ୍ରାଇ ସାଇକେଲ ପ୍ରଦାନ

ଯୋଡ଼ା,୨୯।୧(ମାନସ ମହାନ୍ତି)

**ମିଳିତ ଅଭିଯୋଗ ଶୁଣାଣି**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ସୋମବାର ଏକ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୨୮ ଅଭିଯୋଗର ଶୁଣାଣି ହୋଇଥିଲା। ବିଶେଷତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସହାୟତା, ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ କାରାଖେଣ୍ଡରାରେ ଉଚ୍ଚ ବିଦ୍ୟାଳୟ ସ୍ଥାପନ, ରାସ୍ତା ମରାମତି, ରାସନକାର୍ଡ, ଚୋରାବାଲି କାରବାର, ଗୃହ ନିର୍ମାଣ, ରୋଇଡ଼ାଠାରେ ନୂତନ ମୋବାଇଲ ଟାୱାର ସ୍ଥାପନ ଆଦି ଅଭିଯୋଗ ଥିଲା। ଦିବ୍ୟାଙ୍ଗମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୬୬ଟି ବ୍ୟାଟେରିଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ଯଦୁମଣି ମାହାଲା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚମ୍ପୁଆ ଉପ ଜିଲାପାଳ ସୁକାନ୍ତ ମାଝୀ, ବଡ଼ବିଲ ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ, ଯୋଡ଼ା ବିଡିଓ ଅରୁଣିମା ସାହୁ, ରେଞ୍ଜ ଅଧିକାରୀ ରଞ୍ଜନ କାଲ, ସ୍ୱାସ୍ଥ୍ୟ ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ପ୍ରମୁଖଙ୍କ ସମେତ ଯୋଡ଼ା ପୌରପାଳିକାର ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟୁତ୍ ବିଭାଗ, ପିଡବ୍ଲୁଡିର ବିଭାଗୀୟ ଅଧିକାରୀ ଓ ବ୍ଲକ୍ ଅଧୀନ ୧୯ ପଞ୍ଚାୟତର ସରପଞ୍ଚ ଅନୁପସ୍ଥିତ ଥିଲେ। କେବଳ ଜଣେ ମାତ୍ର ସମିତି ସଭ୍ୟ ଉପସ୍ଥିତ ଥିଲେ। ଲିଖିତ ଆକାରରେ ପଞ୍ଚାୟତକୁ କୌଣସି ସୂଚନା ଦିଆ ଯାଇ ନ ଥିଲା। ହ୍ୱାଟ୍ସଅପ ମାଧ୍ୟମରେ ସୂଚନା ଦିଆଯାଇଥିବାରୁ ସରପଞ୍ଚମାନେ ଆସି ନ ଥାଇପାରନ୍ତି ବୋଲି ବ୍ଲକ୍ ଅଧ୍ୟକ୍ଷ କହିଛନ୍ତି।


ଟ୍ରାଇସାଇକେଲ ପାଇଥିବା ଦିବ୍ୟାଙ୍ଗ ଓ ଉପସ୍ଥିତ ଅଧିକାରୀମାନେ।

# ‘ଗଟବଙ୍ଗା’ ପୀଠର ଉନ୍ନତୀକରଣ ପାଇଁ ଉଦ୍ୟମ

ନୀଳଗିରି, ୨୯।୧(ପ୍ରଶାନ୍ତ ବିଶ୍ୱାଳ)


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ନିକଟ ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶରେ ଅବସ୍ଥିତ ଶାଳବଣି ଗାଁରେ ବହୁ ପ୍ରାଚୀନ ଭୂମିଜ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ବଣଧୂଳିର ଫୁଲ ଅନୁଷ୍ଠାନ ପକ୍ଷରୁ ରବିବାର ଏକ ବନ୍ଧୁମିଳନ ଉତ୍ସବ ଆୟୋଜିତ ହୋଇଥିଲା। ଭୂମିଜ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଚଳଣି, ବେଶଭୂଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୁନରୁଦ୍ଧାର ଓ ଉକ୍ତ ସମ୍ପ୍ରଦାୟର ମୁଖ୍ୟ ଦେବତା ‘ଗଟବଙ୍ଗା’ ପୀଠର ଉନ୍ନତୀକରଣ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବଣଧୂଳିର ଫୁଲର ମୁଖ୍ୟ ପରିଚାଳକ ବାଇଧର ସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନମୋହନ ମାଝି, ମୁଖ୍ୟବକ୍ତା ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ଯୋଗ ଦେଇଥିଲେ। ଆୟୋଜକ ବଣଧୂଳିର ଫୁଲର ପ୍ରତିଷ୍ଠାତା ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଆର୍ଥିକ ଉପଦେଷ୍ଟା ତଥା ସହକାରୀ ସଚିବ ବାସନ୍ତୀମଣି ସିଂ ଏବଂ ଅନ୍ୟତମ ପ୍ରତିଷ୍ଠାତା ସାମାଜିକ କର୍ମୀ ବିଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଅତିଥି ଭାବେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଦୀପ କୁମାର ନାୟକ, ରାଜ୍ୟ ବାର୍ କାଉନସିଲର ପୂର୍ବତନ ଉପସଭାପତି ମିଳନ କୁମାର ବଡୁ, ନାକ୍ ଉପଦେଷ୍ଟା ତଥା ଶ୍ରୀମନ୍ଦିର କରଣୀ ସେବକ ଦିଲୀପ ମଙ୍ଗରାଜ, ଜାତୀୟ ଅନୁଷ୍ଠାନ ‘ଗୁଞ୍ଜ’ର ରାଜ୍ୟ ସଂଯୋଜକ ସୁରେଶ କୁମାର, ଟାଟା ଷ୍ଟିଲର ପରିଚାଳକ ପ୍ରଭାତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଆଦିବାସୀଙ୍କ ନୃତ୍ୟଗୀତରେ ସାମିଲ ହୋଇଥିଲେ।

# ମହତାବ ମହାବିଦ୍ୟାଳୟରେ ‘ନୂଆ ଓ’ ଉଦ୍‌ଯାପନୀ ସମାରୋହ

ଖଇରା, ୨୯।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ‘ନୂଆ ଓ’ କାର୍ଯ୍ୟକ୍ରମ ଅଧୀନ ଜଗନ୍ନାଥ ସଂସ୍କୃତି ଓ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ମହାନ ସଂସ୍କୃତି, ସେ ହିଁ ଓଡିଆଙ୍କ ପରିଚୟ, ସର୍ବୋପରି ବଡଠାକୁରଙ୍କ ପାଇଁ ଓଡିଶାବାସୀ ବିଶ୍ୱରେ ପରିଚିତ ବୋଲି କହିଥିଲେ। ମହେଶ୍ୱର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥଙ୍କୁ ଅନୁଭବ ମାଧ୍ୟମରେ ବ୍ୟକ୍ତ କରାଯାଇପାରେ ବୋଲି ପ୍ରକାଶ କରିଥିଲେ। ନୋଡାଲ ଅଫିସର ଡ. ଆଭାରାଣୀ ବଳ ତାଙ୍କ ବକ୍ତବ୍ୟରେ ସାହିତ୍ୟ ସମାଜର ଦର୍ପଣ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ନୋଡାଲ ଅଫିସର ମାଳତୀଲତା ହାତୀ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତରେ ସଫଳତା ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଅଧ୍ୟାପନା ମଣ୍ଡଳୀ ଓ କର୍ମଚାରୀ ସଭାକୁ ସଫଳ କରିଥିଲେ।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ନୂଆପୁର ପଞ୍ଚାୟତ ମହୋତ୍ସବ ଉଦ୍‌ଯାପିତ**

ବାହାନଗା, ୨୯।୧(ଅରୂପ୍ କୁମାର ଦାସ)



ଅତିଥିମାନଙ୍କ ଦ୍ୱାରା ମହୋତ୍ସବର ଲୋଗୋ ଉନ୍ମୋଚନ କରାଯାଉଛି।

ବାହାନଗା ବ୍ଲକରେ ନବଗଠିତ ନୂଆପୁର ପଞ୍ଚାୟତରେ ଗତ ଶୁକ୍ରବାର ଉଦ୍‌ଘାଟିତ ହୋଇଥିବା ନୂଆପୁର ପଞ୍ଚାୟତ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଶୀତୁଆ ସନ୍ଧ୍ୟାରେ ଧାରାବାହିକ ଟିଭି କଳାକାରଙ୍କ ନୃତ୍ୟ ଓ ସଂଳାପରେ ଉପସ୍ଥିତ ଦର୍ଶକମାନେ ମଜା ଉଠାଇଥିଲେ। ସଙ୍ଗୀତକାର ଅଭିଜିତ୍ ମୁଜୁମଦାର ଓ ତାଙ୍କ ଟିମ୍‌ର ସଦସ୍ୟମାନଙ୍କ ସଙ୍ଗୀତ ମୂର୍ଚ୍ଛନାରେ ଝୁମିଥିଲେ ଦର୍ଶକ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟି ସମ୍ପାଦକ ଲୋକେଶ କୁମାର ଦାସ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ ରୋଟାରୀ କ୍ଲବର ସଭାପତି ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ମହୋତ୍ସବ ହେଉଛି ଭାଇଚାରାର ଉତ୍ସବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଗବେଷକ କବି ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ସଂସ୍କୃତିକୁ ଯଦି ନ ଲେଉଟାଇବ ତା’ହେଲେ ସେହି ସଂସ୍କୃତି କୁଳଷିତ ହୋଇରହିବ। ତେବେ ଗୋଟିଏ ପଞ୍ଚାୟତ ନାମରେ ଏଭଳି ଏକ ମହୋତ୍ସବ ଆୟୋଜକମାନେ କରିପାରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ୩ଦିନ ଧରି ମଞ୍ଚ ପରିଚାଳନା କରିଥିଲେ ତଥା ଶେଷଦିନ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଦୁର୍ଯ୍ୟୋଧନ ଦାସ । ପରେ ନୂଆପୁର ପଞ୍ଚାୟତର ୩ ଜଣ ଖବରଦାତା ସୋମନାଥ ସାହୁ, ଭଗବାନ ଦାସ, ରଞ୍ଜିତ କୁମାର ଦାସଙ୍କୁ ମହୋତ୍ସବ କମିଟି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ କମିଟି ସଭାପତି ସୌମ୍ୟଜିତ ଦାସମହାପାତ୍ର, କୋଷାଧ୍ୟକ୍ଷ ଶିଶିର କୁମାର ଦାସ, ବିନୋଦ କୁମାର ବିଶ୍ୱାଳ, ଲକ୍ଷ୍ମୀନାରାୟଣ ମଲିକ, ଶଶିକାନ୍ତ ମହାପାତ୍ର, କ୍ଷିତୀଶ୍ କୁମାର ଦାସ, ସପନ କୁମାର ଦାସ, ଗଗନ ବିହାରୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଭାରତୀୟ ପୂର୍ବତନ ସୈନିକ ସଙ୍ଗଠନର ନୂତନ କର୍ମକର୍ତ୍ତା

ବାଲିଆପାଳ, ୨୯।୧(ଗୋପାଳ ଚନ୍ଦ୍ର ସାହୁ)–ଭାରତୀୟ ପୂର୍ବତନ ସୈନିକ ସଙ୍ଗଠନ ବାଲିଆପାଳ ଶାଖା ପକ୍ଷରୁ ଶୁକ୍ରବାର କଟୁଆପଡ଼ା ଗୁରୁକୁଳ ଆଶ୍ରମ ପରିସରରେ ସଙ୍ଗଠନକୁ ପରିଚାଳନା କରିବା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ଭେଟରାନ ଜୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମସ୍ତ ସଦସ୍ୟଙ୍କ ଅନୁମୋଦନକ୍ରମେ ନୂଆ ସଭାପତି ଭାବେ ଭେଟରାନ କାମଳଲୋଚନ ପିଳା, ଉପସଭାପତି ଭେଟରାନ ମନୋଜ କୁମାର ସି, ସମ୍ପାଦକ ଭେଟରାନ ରାଧାନାଥ ରାଉତ, ସହସମ୍ପାଦକ ଭେଟରାନ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଭେଟରାନ ପଦ୍ମଲୋଚନ ଚକ୍ରବର୍ତ୍ତୀଙ୍କୁ ଚୟନ କରାଯାଇଛି। ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ ରକ୍ତଦାନ ଶିବିର, କଟୁଅପଡା ସ୍କୁଲ ଓ ଡଗରା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଆଦି କାର୍ଯ୍ୟ କରାଯିବାର ସିଦ୍ଧାନ୍ତ ନିଆଯାଇଛି।

# ବୃଦ୍ଧା ମା’ଙ୍କ ସାହାରାରେ ଦିବ୍ୟାଙ୍ଗ ପୁଅ

**ସହାୟତା ଯୋଗାଇ ଦେବାକୁ ନିବେଦନ**

କେନ୍ଦୁଝର,୨୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)


ଅଜୟ, ମା’ ଲୁଚି ପାତ୍ର ଓ ସାମାଜିକକର୍ମୀ।

ବୃଦ୍ଧ ସମୟରେ ସମସ୍ତ ମା’ବାପା ଝିଅ ଓ ପୁଅଙ୍କ ସାହାରା ଖୋଜିଥାଆନ୍ତି। ବୟସର ଅପରାହ୍ନରେ ଖୁସିରେ ଜୀବନ ଅତିବାହିତ କରିବା ସମସ୍ତଙ୍କ ଆଶା ରହିଥାଏ। ମାତ୍ର ବାର୍ଦ୍ଧକ୍ୟ ସମୟରେ ପୁଅର ସାହାରା ପାଲଟିଛନ୍ତି ଜଣେ ବୃଦ୍ଧା ମା’। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ମୁଖ୍ୟାଳୟଠାରୁ ମାତ୍ର ୪ କି.ମି. ଦୂର ସଦର ବ୍ଲକ୍ ଅନ୍ତର୍ଗତ ବୋଦାପଳଶା ପଞ୍ଚାୟତ କବିତ୍ରା ଗାଁରେ।

ଗାଁର ୧୫ ନମ୍ବର ୱାର୍ଡରେ ଭଙ୍ଗା ଦଦରା ଘରେ ବସବାସ କରୁଛନ୍ତି ବୃଦ୍ଧା ଲୁଚି ପାତ୍ର(୬୪) ଓ ତାଙ୍କ ପୁଅ ଅଜୟ କୁମାର ପାତ୍ର(୨୭)। ଅଜୟ ବାତରୋଗରେ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଛନ୍ତି। ସେ ଛୁଆଙ୍କ ଭଳି ବ୍ୟବହାର କରୁଥିବା ଲୁଚି ଦୁଃଖର ସହ କହିଛନ୍ତି। ଘରେ ଆଉ କେହି ରୋଜଗାରକ୍ଷମ ନ ଥିବାରୁ ପରଘରେ ବାସନ ସଫା କରି ଓ ମାଗି ପୁଅର ଔଷଧ ଖର୍ଚ୍ଚ ସହିତ ଦୁଇଜଣ ଓଳିଏ ଖାଇ ଓଳିଏ ଉପବାସରେ ଦିନ କାଟୁଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଡାକ୍ତରଖାନା ନେଇପାରୁନାହାନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ମିଳି ନ ଥିବାରୁ ଭଙ୍ଗା ଦଦରା ଘରେ ରହୁଛନ୍ତି। ଦିନେ ଅଜୟ ଘରେ ଶୋଇଥିବା ସମୟରେ ଭଙ୍ଗା ଘରର ଖପର ଖସି ତାଙ୍କ ମୁହଁ, ଗୋଡ଼ ଓ ହାତ ଖଣ୍ଡିଆ ହୋଇଯାଇଥିଲା। ବହୁ କଷ୍ଟରେ ଚିକିତ୍ସା କରି ସୁସ୍ଥ କରିଥିଲି ବୋଲି ବୃଦ୍ଧା କହିଛନ୍ତି। ଅସୁରକ୍ଷିତ ଘରେ ରହୁଥିବା ବେଳେ ବର୍ଷାଦିନରେ ବହୁଅସୁବିଧା ଭୋଗିଆନ୍ତି। ତାଙ୍କୁ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଯୁବ ସାମାଜିକ କର୍ମୀ ଜୟକୃଷ୍ଣ ନାଏକ ଓ ତୁଳସୀ ପାତ୍ର ଜିଲାପାଳଙ୍କୁ ନିବେଦନ କରିଛନ୍ତି।

**ଜଳେଶ୍ୱର ମହୋତ୍ସବ ଉଦ୍‌ଘାଟିତ**

ଜଳେଶ୍ୱର,(ନବୀନ ସାହୁ)-ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇଛି ଜଳେଶ୍ୱର ମହୋତ୍ସବ। ସଭାରେ କମିଟି ସଭାପତି ଅଜିତ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅନୁସୂୟା ପ୍ରଧାନ, ଆଇନଜୀବୀ ସତ୍ୟସୁନ୍ଦର ଦାସ, ଦିଲୀପ କୁମାର ଗିରି, ଶିଶିର ହୁଇ, ଜିତାଂଶୁ ନନ୍ଦୀ, ରାମଚନ୍ଦ୍ର ସାହୁ, ଜଳେଶ୍ୱର ପୂର୍ବତନ ନଗର ସଭାପତି ପ୍ରବୀର ପ୍ରଧାନ, କମିଟି କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, କମିଟି ସମ୍ପାଦକ ସୁଶାନ୍ତ କୁମାର ଦାସ, ସମୀର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ଜିଲାସ୍ତରୀୟ ମେଗା ମିଶନ ଶକ୍ତି ଋଣ ମେଳା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କୃଷକମୋର୍ଚ୍ଚା ପକ୍ଷରୁ 'ମଣ୍ଡି ଅବ୍ୟବସ୍ଥା ଓ କୃଷକଙ୍କ ଦାବି'ରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବାଲେଶ୍ୱର ଉପଜିଲାପାଳଙ୍କ ଅଫିସ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏକ୍ସପୋ ଓଡ଼ିଶା ୨୦୨୪, ସ୍ଥାନ: ଆଇଟିଆଇ ପଡିଆ, ସମୟ- ସନ୍ଧ୍ୟା ୭ଟା।

**ବାଲିଆପାଳ**
- ଆଇଡିଏଲ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଆଇଡିଏଲ ପବ୍ଲିକ ସ୍କୁଲ ପରିସର, ଇଡକୋ ଛକ, ସମୟ: ଅପରାହ୍ନ ୪ଟା।
- ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଏକାଦଶାହ କ୍ରିୟା ଓ ସ୍ମୃତିସଭା, ସ୍ଥାନ: ହାସିମପୁର ବାସଭବନ, ସମୟ: ଅପରାହ୍ନ ୫ଟା।

**ଖଇରା**
- ଖଇରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ବିବେକାନନ୍ଦ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୯ଟା ୩୦।

**ଭଦ୍ରକ**
- ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩୭ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ନୀଳମଣି ମିନିଷ୍ଟାଡିୟମ ଶୁଙ୍ଗୁଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୩।

**କେନ୍ଦୁଝର**
- ସଂସ୍କୃତି ପରିଚର୍ଚ୍ଚା(ପ୍ରସଙ୍ଗ-ଜଗତି କରଣ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି),ସ୍ଥାନ- ଧରଣୀଧର ମହାବିଦ୍ୟାଳୟ, କେନ୍ଦୁଝର, ସମୟ- ସକାଳ ୧୦.୩୦ ଘଟିକା।
- ଜିଲାସ୍ତରୀୟ କବି ସମ୍ମିଳନୀ( ପ୍ରସଙ୍ଗ- ଶ୍ରୀ ଜଗନ୍ନାଥ), ସ୍ଥାନ-ଧରଣୀଧର ମହାବିଦ୍ୟାଳୟ, କେନ୍ଦୁଝର, ସମୟ- ମଧ୍ୟାହ୍ନ ୧୨ ଘଟିକା

# ମନ ମୋହିଲେ ସ୍ଥାନୀୟ କଳାକାର

## ଯୋଡ଼ା ମହୋତ୍ସବ ଉଦ୍‌ଯାପିତ

ଯୋଡ଼ା,୨୯।୧(ମାନସ ମହାନ୍ତି)


ସ୍ଥାନୀୟ କଳାକାର ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଖୁବ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ୩ ଦିନ ଧରି ମହୋତ୍ସବ ଚାଲିଥିବା ବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ୍ ଗାୟିକାଙ୍କ ସଙ୍ଗୀତ ଓ ସ୍ଥାନୀୟ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ ଚିତାକର୍ଷକ ଥିଲା। ଯାହା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବିଶେଷ ଭାବେ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଯୋଡ଼ା ଟାଟା ଷ୍ଟିଲ୍ ପଦାଧିକାରୀ ଅବନିସ କୁମାର, ଓଡ଼ିଶା ଖଣି ନିଗମର ବଡ଼ବିଲ ରିଜିଓନାଲ ମ୍ୟାନେଜର ଅବନିକାନ୍ତ ପ୍ରଧାନ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଡଗ୍ ଶୋ, ଫ୍ୟାଶନ୍ ଶୋ, ଲୋକକଳା, ଓଡ଼ିଶୀ ନୃତ୍ୟ ଓ ବିଭିନ୍ନ ସ୍ଥାନୀୟ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିସହ ହୋ ଭାଷାରେ ଗୀତ ଗାଇ ଚର୍ଚ୍ଚାକୁ ଆସିଥିବା ଯୋଡ଼ାର ଯୁବକ ଶମା ପୂର୍ତ୍ତିଙ୍କୁ ଅତିଥି ସମ୍ମାନିତ କରିଥିଲେ। ତାଙ୍କ ସମ୍ପର୍କରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ପ୍ରଥମେ ଖବର ପ୍ରକାଶ ପାଇଥିବାରୁ ସେ ଧରିତ୍ରୀକୁ ଧନ୍ୟବାଦ ଦେଇଛନ୍ତି। ଶେଷରେ ସାରେଗାମାପାର ଗାୟକ ଅବଦୁଲ୍ ଶେଖ୍ ଓ ପାୟଲ ଦେ ମିଶ୍ରା ସଙ୍ଗୀତ ପରିବେଷଣ କରିଥିଲେ।

# ୟୁପିଏସ୍‌ସି କୃତୀ ଛାତ୍ର ପ୍ରତୀକଙ୍କୁ ସମ୍ବର୍ଦ୍ଧନା

କାଳିପଦା, ୨୯।୧(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ବାଲିଆପାଳ ବ୍ଲକ ଜଗତିପୁର ପଞ୍ଚାୟତ ଭିକାଗଡ଼ିଆ ଗ୍ରାମର ପ୍ରଭାକର ସାମଲ ଓ ଶିକ୍ଷୟିତ୍ରୀ ମୀନତି ମହାନ୍ତିଙ୍କ ପୁତ୍ର ପ୍ରତୀକ କୁମାର ସାମଲଙ୍କୁ ତାଙ୍କର କୃତିତ୍ୱ ପାଇଁ ସମ୍ବର୍ଦ୍ଧନା ଦିଆଯାଇଛି।

ପ୍ରତୀକ ୟୁପିଏସସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ଇଞ୍ଜିନିୟରିଂ ପରୀକ୍ଷା – ୨୦୨୩ରେ ୫୯ତମ ସ୍ଥାନ ସହ କୃତିତ୍ୱ ଅର୍ଜନ କରି ବାଲିଆପାଳ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ପୂର୍ବତନ ଏମ୍‌ପି ଜେନା ଏବଂ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ସାମାଜିକ କର୍ମୀ ସୁବାସିନୀ ଜେନା ତାଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ପୂର୍ବତନ ବସ୍ତା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ସୁବ୍ରତ ପଣ୍ଡା, ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୁବନେତା ମନ୍ମଥ ଗିରି, ଜଗତିପୁର ସଭାପତି ଶ୍ରୀଧର ଡାକୁଆ, ଯୁବ ସଭାପତି ସଂଗ୍ରାମ ପରିଡା, ସୁଧୀର ସାମଲ, ଅଁଳାଡ଼ିହାର ପୂର୍ବତନ ସରପଞ୍ଚ କମଳଲୋଚନ କର, ବସ୍ତା ବ୍ଲକ ମହିଳା ସଭାନେତ୍ରୀ ଲିପିକା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରତୀକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

# 'ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣେ ଉତ୍ସବ'

## ୨୫ ବର୍ଷରେ ଇଉଫୋରିଆ

ବାରିପଦା,୨୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବତୀ, ଯୁବକ।

ବାରିପଦା ସହୀଦ ସ୍ମୃତି ଭବନରେ ରାଜ୍ୟସ୍ତରୀୟ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ– ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ୨୫ ବର୍ଷରେ ପଦାର୍ପଣ କରିଥିବା କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଅସୀତ କୁମାର ଗିରିଙ୍କ ପୌରାହିତ୍ୟ କରିଥିଲେ। ଯୁବ ପ୍ରତିଭାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବାରେ ଦି ଇଉଫୋରିଆ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଚଳାଇ ଆସିଛି। ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ୪ ଦିନ ଧରି ରୌପ୍ୟ ଜୟନ୍ତୀ ପାଳନ କରୁଛି। ଏହି ଅବସରରେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟର ୩୨ ଗୋଟି ଶିକ୍ଷାନୁଷ୍ଠାନରୁ ୩୮୫ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସମ୍ପାଦକ ସତ୍ୟସ୍ୱରୂପ ଦାଶ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଉପଦେଷ୍ଟା ବିଭୁ ପ୍ରସାଦ ଦାସ, ଶାନ୍ତନୁ ସିଂହ, ରଣଜିତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ଛଉ ପଡ଼ିଆରେ ୩୧ ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ୧୮ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ହେବା ସହ ମିଷ୍ଟର ଓ ମିସ୍ ଇଉଫୋରିଆ ପ୍ରତିଯୋଗିତା ହେବାର ସ୍ଥିର କରାଯାଇଛି ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା ପ୍ରକାଶ କରିଛନ୍ତି। ଶେଷରେ ଉପସଭାପତି ଅଙ୍କୁର ଖୁରାନା ଧନ୍ୟବାଦ ଅର୍ପଣ କରିଛନ୍ତି।

# ବରିଷ୍ଠଙ୍କ ଅଭିଜ୍ଞତା ସମାଜକୁ ମାର୍ଗ ଦେଖାଏ

## ବରିଷ୍ଠ ନାଗରିକ ମଞ୍ଚ ସମୂହର ବାର୍ଷିକ ସମ୍ମିଳନୀ

ଉଦଳା,୨୯।୧(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସମୂହର ତୃତୀୟ ବାର୍ଷିକ ସମ୍ମିଳନୀ ଉଦଳା ସହରର ସ୍ନେହା ତୁଳସୀ କଲ୍ୟାଣୀ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଉଦଳା ବରିଷ୍ଠ ନାଗରିକ ସଂଘର ସଭାପତି ବର୍ଷୀୟାନ ଜୟଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅନୁଭବ ଓ ଅଭିଜ୍ଞତା ହିଁ ଏକ ସକାରାତ୍ମକ ସମାଜ ଗଠନରେ ସହାୟକ ହୋଇଥାଏ। ଏଣୁ ବରିଷ୍ଠ ନାଗରିକଙ୍କ ଏକତାବଦ୍ଧ ଭାବେ ଗୋଟିଏ ମଞ୍ଚରେ ରହିବା ଆମ ଅଞ୍ଚଳ ପାଇଁ ଏକ ସକାରାତ୍ମକ ଓ ଶୁଭ ସୂଚନା। ମୁଖ୍ୟ ବକ୍ତାଭାବେ ଉଦଳା ଏନ୍‌ଏସି ନଗରପାଳ ପ୍ରମିଳା ପଣ୍ଡା ବରିଷ୍ଠତା ହିଁ ଈଶ୍ୱରଙ୍କ ସମ୍ଭାବନା ବୋଲି ଅଭିହିତ କରି ଅଭିଜ୍ଞତାକୁ ପାଥେୟ କରି ସାମଗ୍ରୀକ ବିକାଶ କଲେ ସଫଳତା ସୁନିଶ୍ଚିତ ବୋଲି ମତ ଦେଇଥିଲେ। ସମ୍ମିଳନୀରେ ବାରିପଦା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ତଥା ସଂଯୋଜକ ଡ. ଶ୍ୟାମ ସୁନ୍ଦର ଦାଶ ଯୋଗଦେଇ ଜିଲାର ରେଳ ବିକାଶ ସହିତ ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ବିକାଶ ପାଇଁ ମଞ୍ଚ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ ଜାରି ରଖିବ ବୋଲି କହିଥିଲେ। ବିଶେଷ କରି ଶିମିଳିପାଳ ଜାତୀୟ ଉଦ୍ୟାନର ସୁରକ୍ଷା, ବାଘ ସଫାରୀ, ହାତୀ ସଫାରୀ ଓ ହରିଣ ପାର୍କ କରିବା ସହ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ହୃଦ୍‌ରୋଗ ଓ ନେଫ୍ରୋଲୋଜି ବିଭାଗର ବିଶେଷଜ୍ଞ ନିଯୁକ୍ତି କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସଂଘର ଉପସଭାପତି ଶୁଶାନ୍ତ ପାତ୍ର, ବଡ଼ସାହି ସଂଘର ସଭାପତି ସୁନୀଲ ଦାସ, ବେତନଟୀ ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଝାର ପୋଖରୀ ସଂଘର ସମ୍ପାଦକ ଘାସିରାମ ମହାନ୍ତ, ବାରିପଦା ମଧୁବନର ସଭାପତି ଡ. ଜୟନ୍ତ ପଣ୍ଡା, ଖୁଣ୍ଟା ସଂଘର ସଭାପତି ଅନନ୍ତ ନାରାୟଣ ଚୌଧୁରୀ, ଗୋପବନ୍ଧୁ ନଗର ସଭାପତି ସନାତନ ଜେନା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଡ. ସଚ୍ଚିଦାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀକୁ କାଶୀନାଥ ଦାସ, ଅବୁଜବନ୍ଧୁ ବାରିକ, କୃପାସିନ୍ଧୁ ବେହେରା, ଡ. ଦିଲ୍ଲୀପ ଦିକ୍ଷୀତ, ପ୍ରମିଳା ଜେନା ପ୍ରମୁଖ ପରିଚାଳନା କରିଥିଲେ।

# 'ନିଜ ସୁରକ୍ଷା ନିଜ ହାତରେ'

## ସରିଲା ଆତ୍ମସୁରକ୍ଷା କୌଶଳ ଶିବିର

ରୂପସା, ୨୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ନୀଳମଣି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ଛାତ୍ରୀଙ୍କ ନିଜ ସୁରକ୍ଷା ନିଜ ହାତରେ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରାଧ୍ୟାପକ ସରୋଜ କୁମାର ପାଣି, ସମ୍ମାନନୀୟ ଅତିଥି ଅଧ୍ୟାପକ ଶ୍ରବଣ କୁମାର ନାୟକ ଓ କାର୍ଯ୍ୟକ୍ରମ ଅଧିକାରୀ ଡ. ଆରୁଣୀ ମିଶ୍ର ଯୋଗଦେଇ କୌଣସି ପରିସ୍ଥିତିରେ ଛାତ୍ରୀମାନେ ନିଜର ସୁରକ୍ଷା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ୮ଦିନ ଧରି ଚାଲିଥିବା ଏହି ଶିବିରରେ ମାଷ୍ଟର ଟ୍ରେନର ଅନିତା ସାହୁ, ସୁଜାତା ଜେନା, ଅନାମିକା ପ୍ରଧାନ, ମନପୁରା ଖାତୁନ୍, ଗୀତୁଶ୍ରୀ ରାଉତ ପ୍ରମୁଖ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଶିବିରାର୍ଥୀ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ ରିଆକ୍ଟ ବହି ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ଇତିଶ୍ରୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଲାଖିରାମ୍ ହାଁସଦା, ଅଧ୍ୟାପକ ହରେନ୍ଦ୍ର ଗାଁଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ନୂତନ ରେଳପଥ ନିର୍ମାଣ, ବିଏସ୍‌ଏନ୍‌ଏଲ୍ ଅଫିସ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ଖଇରା,୨୯।୧(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକର ୨ ପ୍ରମୁଖ ସଂଗଠନ ମୁକୁନ୍ଦ ପ୍ରସାଦ ଟ୍ରଷ୍ଟ ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟଠାରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତ। ଏଥିମଧ୍ୟରେ ବାଲେଶ୍ୱରରୁ ନିଳଗିରି ଖଇରା ଦେଇ କେନ୍ଦୁଝର ଲୋକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ରେଳପଥ ନିର୍ମାଣ କରାଯିବା ପାଇଁ ମୁକୁନ୍ଦ ପ୍ରସାଦ ଟ୍ରଷ୍ଟର ଆବାହକ ଅଭିରାମ ମହାପାତ୍ର ଏବଂ ସମ୍ପାଦକ ଠାକୁର ରଞ୍ଜିତ ଦାସଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ସେହିଭଳି ଖଇରା କଲେଜ ପରିସରରେ ପୋଷ୍ଟ ଅଫିସ ଖୋଲିବା, ବିଏସ୍‌ଏନ୍‌ଏଲ୍‌ର ନିଜସ୍ୱ ଜାଗାରେ ଅଫିସ ପ୍ରତିଷ୍ଠା ପାଇଁ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥୀ, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ବସନ୍ତ କୁମାର ଖିଲାର ଆଲୋଚନା କରିଥିଲେ। ସ୍ୱାଧୀନତା ପରଠାରୁ ବାଲେଶ୍ୱରରୁ କେନ୍ଦୁଝର ପର୍ଯ୍ୟନ୍ତ ଆଦିବାସୀ ବହୁଳ ଇଲାକାର ବାସିନ୍ଦାମାନେ ଯାତାୟାତରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ନୀଳଗିରିରୁ ଖଇରା ଦେଇ ଏହି ରେଳପଥ ସମ୍ପ୍ରସାରଣ କରିବାକୁ ଦାବି କରିଥିଲେ।

# 'ଲିଜା ମିଶ୍ର ଓ ଅନ୍ୟାନ୍ୟ କବିତା' ସଂକଳନ ଲୋକାର୍ପିତ



ପାଟଣା,୨୯।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକଙ୍କ ୪ର୍ଥ କବିତା ସଂକଳନ 'ଲିଜା ମିଶ୍ର ଓ ଅନ୍ୟାନ୍ୟ କବିତା' ଗତ ଶନିବାର ଭଦ୍ରକ ଜିଲା ଟାଉନ ହଲ୍‌ଠାରେ ଲୋକାର୍ପିତ ହୋଇଯାଇଛି। ସାଳନ୍ଦୀ ସାହିତ୍ୟ ସଂଗମ ଉତ୍ସବରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଟାଇମ ପାସ ପ୍ରକାଶନୀ ସଂସ୍ଥାର ପ୍ରକାଶକ ସରୋଜ ବଳଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଗାଳ୍ପିକା ହିରଣ୍ମୟୀ ମିଶ୍ର ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ପୁସ୍ତକକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ କବି ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ସମୀକ୍ଷା କରିଥିଲେ। ଉତ୍ସବରେ କବି ଚିତ୍ତରଞ୍ଜନଙ୍କ ମାଆ ମନୋରମା ନାୟକ, ସାନ ଭଉଣୀ ତଥା ପୋଲିସ ଅଧିକାରୀ ଲୋପାମୁଦ୍ରା ନାୟକ ଓ ସ୍ତ୍ରୀ ଜ୍ୟୋତ୍ସ୍ନାମୟୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏଥି ପୂର୍ବରୁ ଚିତ୍ତରଞ୍ଜନଙ୍କର ମାଟି ଛୁଇଁ ନ ଥିବା ସୂର୍ଯ୍ୟୋଦୟ, ଡାକୁଛ ବୋଲି ଜାଣେ ଓ ଆସୁଛ ବୋଲି ଜାଣେ ନାମରେ ୩ କବିତା ସଂକଳନ ପ୍ରକାଶିତ ହୋଇଛି। ଡାକୁଛ ବୋଲି ଜାଣେ କବିତା ସଂକଳନ ପାଇଁ ସେ ବେଷ୍ଟ ସେଲର ପୁରସ୍କାର ପାଇଛି। ଏଥିସହ ସେ ଫକୀରମୋହନ କବିତା ପୁରସ୍କାର, କଳିଙ୍ଗ ଯୁବ ପୁରସ୍କାର, ବସନ୍ତ ମୁଦୁଲି କବିତା ପୁରସ୍କାର, ଆନନ୍ଦପୁର ଲେଖକ ସମବାୟ ସମିତି କବିତା ପୁରସ୍କାର ଓ ସଚିବାଳୟ ଲେଖକ ପରିଷଦ ତରଫରୁ ଶ୍ରେଷ୍ଠ ଯୁବ କବି ପୁରସ୍କାର ପାଇଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ଔପଦା,୨୯।୧(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତର ଚିନ୍ତାମଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଆନନ୍ଦ କୁମାର ନାୟକ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୯ ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ସଂଯୋଜକ ରମାଞ୍ଜନ ପାଣିଗ୍ରାହୀ, +୩ ବିଭାଗର ଅଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା, +୩ର ପ୍ରାକ୍ତନ ଅଧ୍ୟକ୍ଷ ପ୍ରତାପ କୁମାର ପଣ୍ଡା, ପ୍ରଭାକର ବିଶ୍ୱାଳ, କିରାଣୀ ଶରତ ଚନ୍ଦ୍ର ମହାପାତ୍ର, ପ୍ରଶିକ୍ଷିକା କ୍ରିଷ୍ଣାପ୍ରଭା ପଣ୍ଡା ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏତଦ୍‌ବ୍ୟତୀତ +୩ ବିଭାଗର ସଭାପତି ଭରତ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶେଷରେ ସଫଳ ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଖଇରା ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା

ଖଇରା, ୨୯।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟରେ ଗୁରୁବାର ଜଗନ୍ନାଥ ସଂସ୍କୃତି ଆଲୋଚନା ଓ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. କମଳାକାନ୍ତ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବେଲାଭୂମି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବନମାଳୀ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଶା ପ୍ରଦେଶ ଗଠନ ଓ ଭାଷା ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ନୋଡାଲ ଅଧିକାରୀ ଶଶୀକାନ୍ତ ପଣ୍ଡା, ଗୋପବନ୍ଧୁ ମହାପାତ୍ର ଓ ନିରଞ୍ଜନ ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ଉପରେ ସୂଚନା ପ୍ରଦାନ କରିଥିଲେ। ଡ. ଉଦୟ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ସଙ୍ଗୀତ, ନୃତ୍ୟ, ଓଡିଆ ହସ୍ତାକ୍ଷର, ପ୍ରବନ୍ଧ ଓ କବିତାପାଠ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଅଧ୍ୟାପନା ମଣ୍ଡଳୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



ଭାଷା ସାହିତ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଚାମ୍ପିୟନ

## ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ଭଣ୍ଡାରିପୋଖରୀ, ୨୯।୧ (ରବିନାରାୟଣ ଖିଲାର)



ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଡିଆର୍‌କେ ବାରିପଦାକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଡିଆର୍‌କେ ୨୦ ଓଭର ଖେଳି ୬ ଉଇକେଟ ହରାଇ ୧୭୩ ରନ୍ କରିଥିଲା।

ସଭାପତି ବିଶ୍ୱନାଥ ମାଝୀଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ୍ ଗୋପୀନାଥ ନାୟକ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ସାମାଜିକ କର୍ମୀ ଭାଗୀରଥି ପରିଡ଼ା, ପ୍ରତ୍ୟୁଷ ସାମଲ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାମେଶ୍ୱର ସ୍ପୋର୍ଟିଂର ସାରାଂଶ କୁମାର ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ କୃଷ୍ଣ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବ ସଦସ୍ୟ ଭରତ ଭୂଷଣ ନାଥ, ବିଷ୍ଣୁ ବୋଇତାଇ, ବିଭୂତି ବୋଇତାଇ, ଗଣେଶ ଧଳ, ଗୋପବନ୍ଧୁ ମାଝୀ, ସତ୍ୟକାନ୍ତ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଟ୍ରଫି ଜିତିଲା ମହାବୀର ଟିମ୍

ଧାମନଗର,୨୯।୧(ଦେବେନ୍ଦ୍ର ଆନ୍ଧିଆ)


ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି।

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ପଡ଼ିଆରେ ମା' ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩୫ବର୍ଷରୁ ଊର୍ଦ୍ଧ୍ୱ ଯୁବକମାନଙ୍କ ମଧ୍ୟରେ ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାଶ ଓ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୪ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଜୟ ଜଗନ୍ନାଥ ଟିମ୍‌କୁ ହରାଇ ମହାବୀର ଟିମ୍ ଚାମ୍ପିୟନ ହୋଇଛି। ଜୟ ଜଗନ୍ନାଥ ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୮୩ ରନ୍ କରିଥିଲା। ମହାବୀର ଟିମ୍ ୮ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ତ୍ରିଲୋଚନ ବେହେରା ଓ ବୃନ୍ଦାବନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ଜଗବନ୍ଧୁ ସାହୁ ସ୍କୋରର ଥିଲେ। ଅଜିତ କୁମାର ରଣା ଓ ସରୋଜ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ।

ଶିକ୍ଷାବିତ୍ ବାବାଜୀ ଚରଣ ନାଥଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମାଝୀ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ଶିକ୍ଷାବିତ୍ ଗଦାଧର ସାହୁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ କପ୍ ପ୍ରଦାନ କରିଥିଲେ। ମହାବୀର ଟିମ୍‌ର ନରେଶ ଦାସ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍, ସନ୍ତୋଷ ଚନ୍ଦ ମ୍ୟାନ୍ ଅଫ ଦି ମ୍ୟାଚ୍, ବସୁଦେବ ପାଗଳ ଶ୍ରେଷ୍ଠ ବୋଲର ଏବଂ ସଞ୍ଜୟ ମହାନ୍ତିଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା।

# ଅବହେଳିତ ଥାଲାସେମିଆ ଶିଶୁ ରୋଗୀ

## ପ୍ରମାଣପତ୍ର ମିଳିବାରେ ଉପୁଜୁଛି ସମସ୍ୟା

ଯାଜପୁର,୨୯।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ୱାର୍ଡରେ ରକ୍ତଜନିତ ରୋଗ ଥାଲାସେମିଆ, ସିକିଲ୍ ସେ୍‌ଲ ଓ ହିମୋଫେଲିଆ ରୋଗୀମାନେ ଉପଯୁକ୍ତ ଚିକିତ୍ସା ନ ପାଇ ନିରାଶ ହେଉଛନ୍ତି। ଏହି ମର୍ମରେ ଯାଜପୁର ଜିଲା ଥାଲାସେମିଆ ସିକିଲସେଲ୍ ଏନିମିଆ ୱେଲ୍‌ଫେୟାର ସୋସାଇଟିର ସମ୍ପାଦକ ପରମାନନ୍ଦ ନାୟକ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଶିଶୁମାନଙ୍କ ଅସ୍ଥିମଜ୍ଜାରେ ଲୋହିତ ରକ୍ତ କଣିକା ସୃଷ୍ଟି ହେଉ ନ ଥିବାରୁ ଜୀବନ ବଞ୍ଚାଇବାକୁ ନିୟମିତ ରକ୍ତ ଗ୍ରହଣ କରିଆସୁଛନ୍ତି। ଶତକଡ଼ା ୭୫ ଭାଗ ଶିଶୁ ଗରିବ ଶ୍ରେଣୀର। ସେମାନଙ୍କୁ ଗୋଟିଏ ରକ୍ତ ନେବା ପାଇଁ ରେଡ୍‌କ୍ରସ ରକ୍ତଭଣ୍ଡାରକୁ ୨ ଶହ ଟଙ୍କା ଦେୟ ଓ ମେଡିକାଲ ଯିବା ଆସିବା ଖର୍ଚ୍ଚ ବହନ କରିବା ସମ୍ଭବପର ହେଉ ନ ଥିଲା। ଫଳରେ ସେମାନଙ୍କର ଜୀବନ ବଞ୍ଚାଇବା ଅସମ୍ଭବ ହେଉଥିଲା। ଏପରି ସଂକଟାପନ୍ନ ଶିଶୁମାନଙ୍କ ଜୀବନ ବଞ୍ଚାଇବା ପାଇଁ ଯାଜପୁର ଜିଲାର କେତେଜଣ ଅବସରପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, କର୍ଣ୍ଣ, ନାସା, ଗଳା, ଚକ୍ଷୁ ବିଶେଷଜ୍ଞ, ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ ଏବଂ ସରକାରୀ ପଦାଧିକାରୀ ଯଥା ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ରେଡ୍‌କ୍ରସ୍ ରକ୍ତଭଣ୍ଡାର ଅଧିକାରୀ ପ୍ରମୁଖ ୧୫ ଜଣ ସଦସ୍ୟଙ୍କ ଉଦ୍ୟମରେ ୨୦୦୬ରେ ଥାଲାସେମିଆ ସିକିଲସେଲ୍ ଏନିମିଆ ୱେଲ୍‌ଫେୟାର ସୋସାଇଟି ଗଠନ କରାଯାଇଥିଲା।



ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥାଲାସେମିଆରେ ଆକ୍ରାନ୍ତ ପିଲାମାନେ।

ଗରିବ ଶ୍ରେଣୀର ରୋଗୀମାନଙ୍କର ରକ୍ତଗ୍ରହଣ କରିବା ଖର୍ଚ୍ଚ, ରୋଗୀ ଟିଫିନ୍, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଗଣା ରକ୍ତ ପରୀକ୍ଷା, ରକ୍ତ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ବାବଦରେ ସମସ୍ତ ଖର୍ଚ୍ଚ ୨୦୦୬ଠାରୁ ସୋସାଇଟିର ସଦସ୍ୟଙ୍କ ଅନୁଦାନରେ ପରିଚାଳିତ ହୋଇଆସୁଛି। ପ୍ରତିବର୍ଷ ବିଶ୍ୱ ଥାଲାସେମିଆ ଦିବସ, ସ୍ୱାଧୀନତା ଦିବସ, ଉତ୍କଳ ଦିବସରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ। ୨୦୧୭ ଜୁନ୍ ୧୫ ଭାରତ ସରକାରଙ୍କ ଗେଜେଟ୍ ନୋଟିଫିକେଶନ ଅନୁଯାୟୀ ଥାଲାସେମିଆ, ସିକିଲ ସେଲ୍ ଓ ହିମୋଫେଲିଆ ରୋଗୀମାନଙ୍କୁ ପ୍ରମାଣପତ୍ର ଦେବାକୁ ଜିଲା ମେଡିକାଲ ବୋର୍ଡରେ ଶିଶୁ ବିଭାଗ କିମ୍ବା ମେଡିସିନ ବିଭାଗ ଡାକ୍ତରଙ୍କୁ ଜଣେ ସଦସ୍ୟଭାବେ ନିୟୋଜିତ କରାଯାଇଛି। କିନ୍ତୁ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଏହାର ଓଲଟା ହେଉଛି। ଶିଶୁ ବିଭାଗ ଡାକ୍ତରଙ୍କୁ ମେଡିକାଲ ବୋର୍ଡରେ ନିୟୋଜିତ କରିବା ପରିବର୍ତ୍ତେ ମେଡିସିନ ବିଭାଗର ଡାକ୍ତର ନିୟୋଜିତ ଅଛନ୍ତି। ୧୭ ବର୍ଷ ହେବ ସମସ୍ତ ରକ୍ତ ଜନିତ ଶିଶୁ ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ଆଉଟ୍‌ଡୋର ଓ ଇନ୍‌ଡୋର ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ରକ୍ତହୀନତା ଶିଶୁମାନଙ୍କୁ ନିୟମିତ ଚିକିତ୍ସା କରୁଥିବା ଶିଶୁ ଡାକ୍ତର ଅଭିଜ୍ଞ। କିନ୍ତୁ ମେଡିକାଲ ବୋର୍ଡରେ ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ କରାଯିବା ଫଳରେ ଶିଶୁ ରୋଗୀଙ୍କୁ ଠିକ୍ ପ୍ରମାଣପତ୍ର ମିଳୁନାହିଁ। ବିଭିନ୍ନ ଆଳ ଦେଖାଇ ନିରୀହ ଶିଶୁମାନଙ୍କୁ ଫେରାଇ ଦିଆଯାଉଛି। କେତେଜଣ ଶିଶୁ ରୋଗୀଙ୍କୁ ଅସ୍ଥାୟୀ ପ୍ରମାଣପତ୍ର ଦିଆଯାଉଛି। ଯାଜପୁର ପୌରାଞ୍ଚଳର ଦାଣ୍ଡସୁନ୍ଦରପୁର ଗ୍ରାମର ସୌମ୍ୟଜିତ ସାହୁଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ସେ ୩ ବର୍ଷ ହେବ ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇ କଟକ ଶିଶୁଭବନ, କଟକ ମେଡିକାଲ ରକ୍ତ ବିଭାଗ ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ ଚିକିତ୍ସାଧୀନ ଥାଇ ୩୮ଟି ରକ୍ତ ଗ୍ରହଣ କରିସାରିଛନ୍ତି। ଏହାସତ୍ତ୍ୱେ ସେ ପ୍ରମାଣପତ୍ର ପାଇଁ ବାରମ୍ବାର ମେଡିକାଲ ବୋର୍ଡରୁ ନିରାଶ ହୋଇ ଫେରିଯାଉଛନ୍ତି। ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ପ୍ରମାଣପତ୍ର ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ଇତିମଧ୍ୟରେ ୩ଟି ମେଡିକାଲ ବୋର୍ଡ ବୈଠକ ଅନୁଷ୍ଠିତ ହୋଇସାରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ମର୍ମରେ ଥାଲାସେମିଆ ସୋସାଇଟିର ସମ୍ପାଦକ ୩।୧୧।୨୦୨୨ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ କୌଣସି ସୁଫଳ ନ ମିଳିବାରୁ ୫।୯।୨୦୨୩ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ଶେଷରେ ୫-ଟି ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ସେଭଳି ଅଭିଯୋଗ ଏଯାଏ ପାଇ ନାହାନ୍ତି। ଶିଶୁ ରୋଗୀମାନଙ୍କୁ ସମସ୍ତ କ୍ଷେତ୍ରରେ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଉଛି। ଥାଲାସେମିଆ ରୋଗୀମାନେ ମଧ୍ୟ ସହଜରେ ରକ୍ତ ପାଉଛନ୍ତି। ଏଥିରେ କୌଣସି ପ୍ରକାର ଅବହେଳା କରାଯାଉନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ସୁଦୀପ୍ତା



@ ରଶ୍ମିତା



@ ଦୀପ୍ତିରଞ୍ଜନ



@ ସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରିଘାଗଡ଼ର ଶ୍ରୀବଳଦେବ ଜୀଉଙ୍କ ପୂଜାନୀତି ବନ୍ଦ

## ସେବାୟତଙ୍କ ମଧ୍ୟରେ କଳି

ରାଜନଗର, ୨୯।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ଠାରେ ଥିବା ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ସେବାୟତଙ୍କ ମଧ୍ୟରେ କଳହ ଯୋଗୁ ପୂଜାନୀତିରେ ବିଭ୍ରାଟ ସୃଷ୍ଟି ହୋଇଛି। ଠାକୁରଙ୍କ ପୂଜାନୀତି ଦାୟିତ୍ୱରେ ଥିବା ସେବାୟତଙ୍କ ମଧ୍ୟରେ କଳି ଓ ବିବାଦ ଯୋଗୁ ସୋମବାର ଠାକୁର ଉପବାସରେ ରହିଥିଲେ। ସନ୍ଧ୍ୟା ୬ଟା ଯାଏ ଠାକୁରଙ୍କ ପୂଜାନୀତି ହୋଇପାରି ନ ଥିଲା। ଠାକୁର ଉପବାସରେ ଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ମୁତାବକ, ରିଘାଗଡ଼ଠାରେ ଥିବା ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଚଳନା ଦାୟିତ୍ୱରେ କନିକା ରାଜ ପରିବାର ରହିଛନ୍ତି। ଠାକୁରଙ୍କର ଶହ ଶହ ଏକର ସମ୍ପତ୍ତି ରହିଛି। ଦୈନିକ ପୂଜାନୀତି ପାଇଁ ବଡ଼ପଣ୍ଡାଙ୍କ ସହିତ ଅନ୍ୟ ସେବାୟତ ରହିଛନ୍ତି। ୨୭ ତାରିଖରେ ସେବାୟତ ଶରତ ଦାଶ ଓ ହୃଷୀକେଶ ପଣ୍ଡାଙ୍କ ପୁଅଙ୍କ ସହିତ କୌଣସି କାରଣରୁ ବିବାଦ ହୋଇଥିଲା। ରବିବାର ବୁଝାଶୁଝା ପରେ ଠାକୁରଙ୍କ ପୂଜାନୀତି ହୋଇଥିଲା। ମାତ୍ର ସୋମବାର ସକାଳ ୫ ଟାରେ ମଙ୍ଗଳ ଆରତି ଓ ମହାସ୍ନାନ ପରେ ଅନ୍ୟ ନୀତି କାର୍ଯ୍ୟ ସନ୍ଧ୍ୟା ଯାଏଁ ଅନୁଷ୍ଠିତ ହୋଇପାରିନାହିଁ। ଭୋଗ ମଣ୍ଡପ



ଓ ବାହାର ଠାକୁରଙ୍କ ପୂଜାନୀତି ହୋଇପାରି ନ ଥିବାରୁ ସକାଳ ୯ ଟାରେ ଲାଗି ହେବାକୁ ଥିବା ମଢେଇ ଭୋଗ, ମଧ୍ୟାହ୍ନ ଧୂପ ଆଜିର ନୀତିକାନ୍ତି ହୋଇପାରି ନାହିଁ। ଫଳରେ ଠାକୁର ଉପବାସରେ ରହିଛନ୍ତି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଠାକୁର ଉପବାସରେ ରହିଛନ୍ତି। ମୁଁ ବାହାରେ ଥିଲି, ପହଞ୍ଚି ଅନ୍ୟ ପୂଜକଙ୍କୁ ଡାକି ପୂଜନୀତିର ବ୍ୟବସ୍ଥା କରୁଛି ବୋଲି କହିଛନ୍ତି।

# ଟ୍ରକ୍ ଧକ୍କାରେ ଜଣେ ମୃତ, ୨ ଛାତ୍ର ଗୁରୁତର

ରାଜନଗର, ୨୯।୧(ଭାସ୍କର ରାଉତରାୟ)

ରାଜନଗର ତାଳଚୁଆ ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତାର ଘଡ଼ିଆମାଳ ନୂଆଗାଁ ଛକରେ ସୋମବାର ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଦଶମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ପୂର୍ବାହ୍ନ ୧୧ରୁ ୫ଟା ଯାଏ ରାସ୍ତାରୋକୋ ହୋଇଥିବା ବେଳେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଘଡ଼ିଆମାଳ ପଞ୍ଚାୟତ ନୂଆଗାଁର ହରିଶ୍ଚନ୍ଦ୍ର ପାଣ୍ଡ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଗାଁ ଛକରେ ଡାଙ୍ଗମାଳ ପଟୁ ଦ୍ରୁତଗତିରେ ଆସୁଥିବା ହାଇୱା ଘଡିଆମାଳ ହାଇସ୍କୁଲକୁ ସାଇକେଲରେ ପଢ଼ିବାକୁ ଯାଉଥିବା ୨ ଛାତ୍ରଙ୍କୁ ଧକ୍କା ଦେଇଥିଲା। ଏଥିରେ ସାଇକେଲ ଭାଙ୍ଗିଯାଇଥିବା ବେଳେ ୨ ଛାତ୍ର ଛିଟିକି ପଡ଼ିଥିଲେ। ଜୁଣଗଡ଼ି ଗାଁର ସୌରଭ ନାୟକ ଓ ପଦ୍ମନାଭପୁର ଗାଁର ନୃସିଂହ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୨ ଦଶମ ଶ୍ରେଣୀ ଛାତ୍ରଙ୍କୁ ଧକ୍କାଦେବା ପରେ ହାଇୱା ଘରକୁ ଫେରୁଥିବା ହରିଶ୍ଚନ୍ଦ୍ରଙ୍କ ଉପରେ ସିଧା ଚଢ଼ାଇ ଦେଇଥିଲା। ହାଇୱା ଚକା ତଳେ ହରିଶ୍ଚନ୍ଦ୍ରଙ୍କ ବାଇକ୍ ଓ ସେ ରହିଯାଇଥିଲେ। ହରିଶ୍ଚନ୍ଦ୍ରଙ୍କ ମୁଣ୍ଡ ଉପରେ ହାଇୱା ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହରିଶ୍ଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ବେପରୁଆ ଗାଡ଼ି ଚାଳନାକରି ପ୍ରାଣ ନେଇଥିବା ହାଇୱା ଡ୍ରାଇଭରଙ୍କୁ ଉତ୍ତମ ମଧ୍ୟମ ଦେବା ସହ ଘର ମଧ୍ୟରେ ଅଟକ ରଖିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ବସିଥିଲେ। ଘଟଣାସ୍ଥଳରେ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନା, ତାଳଚୁଆ ଆଇଆଇସି ସସ୍ମିତା ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଉପରେ ବସିରହିଥିଲେ। ସନ୍ଧ୍ୟା ୫ଟାରେ ରାସ୍ତାରୋକୋ ହଟିଥିଲା। ମୃତ ହରିଶ୍ଚନ୍ଦ୍ରଙ୍କର ୩ ଝିଅ ଥିବାରୁ ପରିବାର କିପରି ଚଳିବ ଓ ଭରଣପୋଷଣ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ନିଆଁ ଲାଗି ଛଣଗଦା ଜଳିଗଲା

ପାଣିକୋଇଲି,୨୯।୧(ବିକାଶ କୁମାର ମଲିକ)

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ପାଣିକୋଇଲି ଗ୍ରାମର ନାଠି ବେହେରାଙ୍କ ଖଳା ବାଡିରେ ଥିବା ଛଣ ଗଦାରେ ନିଆଁ ଲାଗି ଛଣ ବିଡ଼ା ଜଳି ଯାଇଛି। ଗ୍ରାମବାସୀ ପୋଖରୀ ଓ ନଳକୂପରୁ ପାଣି ଆଣି ନିଆଁକୁ ଲିଭାଇଥିଲେ। ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲେ ମଧ୍ୟ ରେଳ ଫାଟକ ପଡ଼ିଥିବା ହେତୁ ବୈତରଣୀ ରୋଡ଼ ଦମକଳ ଗାଡ଼ି ବହୁ ବିଳମ୍ବରେ ପହଞ୍ଚି ଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଚୂଲିରୁ ପାଉଁଶ ଉଡ଼ି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ଜିତୁନ୍‌ଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

## ୨୦୧୯ରେ ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା

ଜଗତ୍‌ସିଂହପୁର, ୨୯।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ.୧୩୮/୧୯) ରୁଜୁ ହୋଇଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟଟ୍ରାକ କୋର୍ଟ (ପକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଏହି ଥାନା ଅନ୍ତର୍ଗତ ଗୋଡ଼ା ଗ୍ରାମର ଜିତେନ୍ କୁମାର କାଣ୍ଡି ଓରଫ ଜିତୁନ୍‌ଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୦।୯।୧୯ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ୧୫ବର୍ଷୀୟ ନାବାଳିକା ଖୁଦୁରୁକୁଣୀ ମେଢ ଭସାଣି ଦେଖିବାକୁ ଯାଇଥିବା ବେଳେ ଜିତୁନ୍ ତାଙ୍କୁ ଅପହରଣ କରି ବେଙ୍ଗାଲୁରୁ ନେଇଯାଇଥିଲେ। ସେଠାରେ ୧୫ଦିନ ରଖି ବଳାତ୍କାର କରିଥିଲେ। ଏସମ୍ପର୍କରେ ୧୧।୯।୧୯ରେ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଖୋଳତାଡ କରି ଉଭୟ ନାବାଳିକା ଓ ଜିତୁନ୍‌ଙ୍କୁ କଟକ ରେଳ ଷ୍ଟେଶନରୁ ଧରିଥିଲା। ଏହି ମାମଲାରେ ୧୮ଜଣ ସାକ୍ଷୀଙ୍କ ବୟାନକୁ ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଶୂନ୍ୟ ନେତୃତ୍ୱ ପାଇଁ ସବୁକ୍ଷେତ୍ରରେ ଷଡ଼ଯନ୍ତ୍ର

## ଅବହେଳିତ ପଟ୍ଟାମୁଣ୍ଡାଇ ପ୍ରସଙ୍ଗ

■ ସହରରେ ନାହିଁ ବସ୍‌ଷ୍ଟାଣ୍ଡ

ପଟ୍ଟାମୁଣ୍ଡାଇ,୨୯।୧(କଳ୍ପତରୁ ନାୟକ) :

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନରେ ମିଶାଇ ଦିଆଯାଇଛି। ପଟ୍ଟାମୁଣ୍ଡାଇର ୧୯ଟି ପଞ୍ଚାୟତ ଓ ପୌରପାଳିକାର ୨୦ଟି ୱାର୍ଡକୁ ନେଇ ଗଠିତ ରାଜନଗର ନିର୍ବାଚନମଣ୍ଡଳୀ ରାଜନୀତିର ପଶାପାଲିରେ ଅବହେଳିତ ହୋଇ ପଡ଼ିରହିଛି। କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରମୁଖ ସହର ଓ ବାଣିଜ୍ୟିକ ପେଣ୍ଠସ୍ଥଳି ପଟ୍ଟାମୁଣ୍ଡାଇବାସୀଙ୍କ ଶୂନ୍ୟ ନେତୃତ୍ୱ ପାଇଁ ସବୁକ୍ଷେତ୍ରରେ ଷଡ଼ଯନ୍ତ୍ରର ଶିକାର ହୋଇଆସୁଛନ୍ତି। ଗମନାଗମନ, ପରିବହନ, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି କ୍ଷେତ୍ରରେ ସହରକୁ ଅଣଦେଖା କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ ସାମଗ୍ରିକ ଭାବେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟରେ ଷଡ଼ଯନ୍ତ୍ର କରାଯାଇ ସହରବାସୀଙ୍କୁ ନିରାଶ କରାଯାଉଛି। ଫଳରେ ରାଜ୍ୟ ସରକାରଙ୍କ ଉପରୁ ପୌରାଞ୍ଚଳବାସୀଙ୍କ ଆସ୍ଥା ତୁଟିଯାଉଥିବା ବେଳେ ନା ଶାସକ କିମ୍ବା ବିରୋଧୀଙ୍କର କୌଣସି ସ୍ୱତନ୍ତ୍ର ଦୃଷ୍ଟି ଭଙ୍ଗୀ ରହୁନାହିଁ। ଏ ନେଇ ସହରବାସୀ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବ ବୁଦ୍ଧିଜୀବୀ ମହଲରୁ ସୂଚନା ମିଳିଛି।

ବୁଦ୍ଧିଜୀବୀ ପ୍ରମୋଦ ସାହୁ, ଅନନ୍ତ ଦାଶ, ପ୍ରବୀର ନାୟକ କହିଛନ୍ତି, ୨୦୦୯ ମସିହା ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣ ବେଳେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ଭାଙ୍ଗି ନୂତନ ରାଜନଗର ନିର୍ବାଚନମଣ୍ଡଳୀ କରାଗଲା। ସେବେଠାରୁ ଅଧିକାଂଶ ନିର୍ବାଚିତ ପ୍ରତିନିଧି ରାଜନଗରରୁ ହୋଇଥିବାରୁ ପଟ୍ଟାମୁଣ୍ଡାଇ ସହରୀକରଣ ବିକାଶରେ ବ୍ରେକ୍ ଲାଗିଛି ବୋଲି ସାଧାରଣ ମହଲରେ ଏବେ ଚର୍ଚ୍ଚା ହେବାର ଲାଗିଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନମଣ୍ଡଳୀର ନେତା ଏଥର ନିର୍ବାଚିତ ହେବାର ସୁଯୋଗ ପାଇବେ। କିନ୍ତୁ ସହରବାସୀ କ'ଣ ପାଇଁ ଭୋଟ ଦେବେ ଓ କାହାକୁ ଭୋଟ ଦେଇ ଏହି ସହରର ଭାଗ୍ୟ ବଦଳାଇବେ ପ୍ରତ୍ୟେକଟି ମନରେ ଏପରି ଉଦ୍ଭଟ ପ୍ରଶ୍ନ ଉଙ୍କି ମାରିଛି। ଅବଶ୍ୟ ଏହା ପଛରେ ବଳିଷ୍ଠ ଯୁକ୍ତି ମଧ୍ୟ ରହିଛି। କାରଣ ଏଠାରେ ନା ଅଛି ଉନ୍ନତ ସହରାଞ୍ଚଳର ରାସ୍ତା, ଆଲୋକୀକରଣ, ଗମନାଗମନ ସୁବିଧା, ଜଳଯୋଗାଣ, ଷ୍ଟାଡିୟମ, ଅବସର ବିନୋଦନ କେନ୍ଦ୍ର, ବ୍ୟାୟାମଶାଳା, ପାର୍କ ଅବା ଏକ ଯୋଜନାବଦ୍ଧ ସହରାଞ୍ଚଳର ପରିବେଶ। ଏବେ ବି ଏହା ଏକ ଅନୁନ୍ନତ ବଡ଼ ଗାଁର ଭ୍ରମ ସୃଷ୍ଟି କରୁଛି। ସହରର ଚାକଚକ୍ୟ ପରିବେଶ ନାହିଁ। ସହରବାସୀଙ୍କ ପାଇଁ ଅବହେଳିତ, ନିକ୍ଷେପିତ, ଯନ୍ତ୍ରଣାଦାୟକ, ଅନୁନ୍ନତ ଭଳି ଶବ୍ଦ ହିଁ ବ୍ୟବହାର ଯଥେଷ୍ଟ ହେବ। ପୌରାଞ୍ଚଳ ୧୯୮୮ରୁ ୨୦୨୪ ସହରାଞ୍ଚଳ ଗଠନ ହେବାର ୩୬ବର୍ଷ ହେବାକୁ ବସିଛି। ପୌର ପରିଷଦ ଅଧୀନରେ ଥିବା ୨୦ଟି ୱାର୍ଡରେ ୨୦୧୧ ଜନଗଣନା ଅନୁସାରେ ୩୬,୫୨୮ ଜଣ ବସବାସ କରୁଛନ୍ତି। ହେଲେ ଏଠାରେ ୯୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ବାସ ଓ କାରବାର ହେଉଛି ବୋଲି ଘରୋଇ ଭାବେ ଆକଳନ କରାଯାଉଛି।



ବସ୍‌ଷ୍ଟାଣ୍ଡ ନ ଥିବାରୁ ଲୋକେ ବାହାରେ ଛିଡ଼ାହୋଇ ବସ୍‌କୁ ଅପେକ୍ଷା କରିଛନ୍ତି।

କିନ୍ତୁ ସହରବାସୀଙ୍କୁ ଉପଯୁକ୍ତ ସେବା ଉପଲବ୍ଧ ହେଉନାହିଁ। ସହରକୁ ସଂଯୋଗ କରୁଥିବା ରାସ୍ତା ଅଣଓସାରିଆ। କଟକ-ଭୁବନେଶ୍ୱରକୁ ଯାତାୟାତ କରିବା ପାଇଁ ବସ୍‌ଷ୍ଟାଣ୍ଡ ନ ଥିବାରୁ ରାସ୍ତାରେ ଛିଡ଼ାହୋଇ ନାନା ସମସ୍ୟା ଭୋଗିବାକୁ ପଡ଼େ। ଏମିତିକି ବାହାରୁ ଆସୁଥିବା ବଡ଼ ବଡ଼ ଅଫିସର ଏଠାକୁ ଆସି ରହିବା ବା କାର୍ଯ୍ୟ ସମୀକ୍ଷା କରିବାକୁ ନାକ ଟେକନ୍ତି। ଅଧିକାଂଶ ଗାଡ଼ି ମଟର ପଟ୍ଟାମୁଣ୍ଡାଇ ସହର ଦେଇ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଉତ୍କଟ। ତେଣୁ ଏଥର ନିର୍ବାଚନରେ ଟ୍ରାଫିକ୍ ସମସ୍ୟା, ରିଂରୋଡ୍, ସହରର ସବୁ ୱାର୍ଡକୁ କଂକ୍ରିଟ୍ ରାସ୍ତା, ବର୍ଷାଜଳ ଓ ଡ୍ରେନ୍ ପାଣି ନିଷ୍କାସନ ବ୍ୟବସ୍ଥା ପାଇଁ ପୂର୍ଣ୍ଣାଙ୍ଗ ଡ୍ରେନେଜ୍ ବ୍ୟବସ୍ଥାଗୁଡ଼ିକ ହିଁ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ରହିବ। ସହର ମଧ୍ୟରେ ଯାଇଥିବା ଗୋବରୀ ନଦୀ ପୋତିହୋଇପଡ଼ିବାରୁ ମୁଷ୍ଟିମେୟ ବ୍ୟକ୍ତିଙ୍କ କବ୍‌ଜାରେ ଥିବାରୁ ସେସବୁ ପୁନରୁଦ୍ଧାର ମଧ୍ୟ ଜନପ୍ରତିନିଧିଙ୍କ ପାଇଁ ବଡ଼ ଆହ୍ୱାନ ହେବ। ସହରରେ ଥିବା ଷ୍ଟ୍ରିଟ୍ ଲାଇଟ୍ ମଧ୍ୟରୁ ଅଧାରୁ ଅଧିକ ଅକାମୀ। ଦାୟିତ୍ୱରେ ଥିବା ଠିକା ସଂସ୍ଥା ମରାମତି କରୁନାହିଁ କି ଆବଶ୍ୟକ ପଡୁଥିବା ନୂଆ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଉନାହିଁ। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ସମ୍ଭବ ହୋଇନାହିଁ। ଠିକା ସଂସ୍ଥା ଦ୍ୱାରା ପୌରାଞ୍ଚଳର ସଫେଇ ଧର୍ମକୁ ଆଖିଠାର ଭଳି ଲାଗୁଛି। ପ୍ରତି ୱାର୍ଡଗୁଡ଼ିକରୁ ଅଳିଆ ଉଠି ପାରୁନାହିଁ। ସରକାର ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ପ୍ରସ୍ତୁତ ହୋଇଥିଲେ ହେଁ ତାହା କାର୍ଯ୍ୟକ୍ଷମ ହେଉନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ ଅବ୍ୟବହୃତ ହୋଇପଡ଼ିଛି। ଅବସର ବିନୋଦନ ପାଇଁ ସ୍ମାର୍ଟ ପାର୍କ ବହୁଦୂରରେ ସହର ପାଖରେ ଭଲ ପାର୍କଟିଏ ନାହିଁ। ଉଠାଦୋକାନୀଙ୍କୁ ଥଇଥାନ କରାଯାଉନାହିଁ। ସହରର ଭିତ୍ତିଭୂମି ପ୍ରସଙ୍ଗକୁ ନେଇ ଆଗାମୀ ନିର୍ବାଚନ ରଣାଙ୍ଗନ ସରଗରମ ହେବ ଓ କାହା ପଲା ଭାରି ରହୁଛି ତାହା ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି।

